READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ | ସଂଖ୍ୟା-୩୨ | ୨୪ - ୩୦ ଅଗଷ୍ଟ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-32 | 24th - 30th AUGUST, 2020 | BHUBANESWAR | ₹ 5/- (8 Pages)


# ଜୀବନ ସହ ଜୀବିକା ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** କୋଭିଡ ଯୁଦ୍ଧରେ ଜୀବନ ପାଇଁ ଚାଲିଥିବା ଲଢ଼େଇ ସହିତ ଲୋକଙ୍କ ଜୀବିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ରାଜ୍ୟରେ ସବୁ କ୍ଷେତ୍ରରେ ବିକାଶ ପ୍ରକ୍ରିୟାକୁ ଜୋରଦାର କରାଯିବ । ସଡକ, ସେତୁ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ଲୋକଙ୍କ ପାଇଁ ଜୀବିକା ସୃଷ୍ଟି କରାଯିବ । ଜଗତସିଂହପୁରର ବିଲୁଆଖାଇ ନଦୀ ଉପରେ ଏକ ବୃହତ ସେତୁର ଉଦ୍‌ଘାଟନ ଏବଂ ଜିଲ୍ଲାରେ ଏକ ମାତୃ ଓ ଶିଶୁ ଚିକିତ୍ସାଳୟ ପାଇଁ ଶିଳାନ୍ୟାସ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ସୂଚନାଯୋଗ୍ୟ ଯେ, ଜଗତସିଂହପୁରର ଶଂଖାରୀ ସାହି ନିକଟରେ ବିଲୁଆଖାଇ ନଦୀ ଉପରେ ୬୧.୪୨ କୋଟି ଟଙ୍କା ବ୍ୟୟରେ ଏକ ବୃହତ ସେତୁ ନିର୍ମାଣ କରାଯାଇଛି । ୨୦୧୬ ଅକ୍ଟୋବରରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ସେତୁ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟକୁ କଟକ ବାଇଶମୌଜା ସହିତ ସିଧାସଳଖ ଯୋଡିବା ସହିତ ଜଗତସିଂହପୁରରୁ ଭୁବନେଶ୍ୱରର ଦୂରତ୍ୱ ବହୁତ ପରିମାଣରେ କମିଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ସେତୁ ଜଗତସିଂହପୁର ଜିଲ୍ଲାରେ ବିକାଶର ଧାରାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ସେହିପରି ଶିଳାନ୍ୟାସ କରାଯାଇଥିବା ୧୦୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ଚିକିତ୍ସାଳୟ ପାଇଁ ୧୬.୨୮ କୋଟି ଟଙ୍କା ବିନିଯୋଗ କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ନିର୍ମାଣ ହେବାକୁ ଥିବା ଆଇସିୟୁରେ ୧୦ଟି ଶଯ୍ୟା ରହିବ । ଏଥିପାଇଁ ୨.୨୯ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଜିଲ୍ଲାର ମା ଓ ଶିଶୁ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ➤ ପୃ-୬

## ନମୁନା ପରୀକ୍ଷଣରେ ଓଡ଼ିଶା ରୋଲ୍ ମଡେଲ୍

**ଭୁବନେଶ୍ୱର :** କରୋନା ନମୁନା ପରୀକ୍ଷାରେ ଓଡ଼ିଶା ଦେଶରେ ଦ୍ୱିତୀୟ । ଦିନକରେ ଏକ ନିୟୁତ ଲୋକ ସଂଖ୍ୟାରେ ଟେଷ୍ଟ ହାରରେ ଓଡ଼ିଶା ଦ୍ୱିତୀୟ । ୧୦ଲକ୍ଷ ନମୁନା ପରୀକ୍ଷା ବର୍ଗରେ ପ୍ରଥମ ସ୍ଥାନରେ ଗୋଆ, ଜାତୀୟ ହାରଠୁ ଓଡ଼ିଶାରେ ହୋଇଛି ଅଧିକ ନମୁନା ପରୀକ୍ଷା । ବଡ ବଡ ରାଜ୍ୟ ତୁଳନାରେ ଓଡ଼ିଶା ଆଗରେ ରହିଛି । କରୋନା ନମୁନା ପରୀକ୍ଷାରେ ଅନ୍ୟ ରାଜ୍ୟ ପାଇଁ ଓଡ଼ିଶା ଆଦର୍ଶ ପାଲଟିଛି । ଓଡ଼ିଶାରେ ପ୍ରତିଦିନ ୫୦ ହଜାରରୁ ଅଧିକ ପରୀକ୍ଷା କରାଯାଉଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । କରୋନା ଭୂତାଣୁ ନମୁନା ପରୀକ୍ଷାରେ ଦେଶରେ ଗୋଆ ପ୍ରଥମ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟରେ ଓଡ଼ିଶା ଓ ତୃତୀୟ ସ୍ଥାନରେ ଦିଲ୍ଲୀ ରହିଛି । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଦୈନିକ ଏକ ନିୟୁତ




ଜନସଂଖ୍ୟାରେ ଦିନକୁ କେତେ ସଂଖ୍ୟକ କରୋନା ଆକ୍ରାନ୍ତଙ୍କ ପରୀକ୍ଷା କରୁଛନ୍ତି ସେଥିନେଇ ଏକ ପରିସଂଖ୍ୟାନ ବାର୍ ଚାଟ୍ ଟ୍ୱିଟ୍ ଯୋଗେ ପ୍ରକାଶ କରାଯାଇଛି । କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ଭାରତରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହୁଛି । ଏଠାରେ ଏକ ମିଲିୟନ୍ ➤ ପୃ-୬

## ଖରାପ ରେଜଲ୍ଟ ପାଇଁ ୧୧୦୬ ସ୍କୁଲକୁ ରିପୋର୍ଟ ତଲବ

**ଭୁବନେଶ୍ୱର :** ୨୦୨୦ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଆକ୍ସନ ମୁଡ୍‌ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ । ରାଜ୍ୟରେ ଯେଉଁ ସବୁ ସ୍କୁଲରେ ଛାତ୍ରଛାତ୍ରୀମାନେ ନୈରାଶ୍ୟଜନକ ମାର୍କ ରଖିଛନ୍ତି ସମ୍ପୃକ୍ତ ସ୍କୁଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି । ଏଥିପାଇଁ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଆକ୍ସନପ୍ଲାନ୍ । ତେବେ ରାଜ୍ୟରେ ସମ୍ପୂର୍ଣ୍ଣ ଶୂନ ରେଜଲ୍ଟ ହୋଇଥିବା ସ୍କୁଲ ସମେତ ଯେଉଁ ସ୍କୁଲରେ ୪୦ପ୍ରତିଶତ ଛାତ୍ରଛାତ୍ରୀ ୩୦ପ୍ରତିଶତରୁ କମ୍ ମାର୍କ ରଖିଛନ୍ତି ସେହି ସବୁ ସ୍କୁଲକୁ ତାଲିକା ପ୍ରସ୍ତୁତ କରାଯାଇଛି । ଏହି ତାଲିକାରେ ରାଜ୍ୟର ୩୧୪ ବ୍ଲକରେ ପ୍ରାୟ ୧୧୦୬ ସ୍କୁଲ ଥିବା ଜଣାପଡ଼ିଛି । ପ୍ରାୟ ୭୧୦ରୁ ଅଧିକ ସ୍କୁଲରେ ସର୍ବାଧିକ ପରୀକ୍ଷାର୍ଥୀ ସିଙ୍ଗିଲ୍ ସବ୍‌ଜେକ୍ଟରେ ଫେଲ୍ ହୋଇଛନ୍ତି । ଏହି ସବୁ ସ୍କୁଲଗୁଡ଼ିକରେ ପରୀକ୍ଷାର୍ଥୀମାନେ କ'ଣ ପାଇଁ କମ୍ ମାର୍କ ରଖିଲେ କିମ୍ବା ରେଜଲ୍ଟ ଶୂନ ହେଲା ସେନେଇ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ରିପୋର୍ଟ ତଲବ କରାଯାଇଛି । ସେହି ରିପୋର୍ଟରେ ୫୫ଟି ପ୍ରଶ୍ନ ରହିଛି । ସେଥିରୁ ଛାତ୍ରଛାତ୍ରୀଙ୍କ ବାବଦରେ ୧୭ଟି ପ୍ରଶ୍ନ ଥିବା ବେଳେ ଅବଶିଷ୍ଟ ଶିକ୍ଷାଦାନ ବ୍ୟବସ୍ଥା ଓ ସ୍କୁଲର ଭିତ୍ତିଭୂମି ସମ୍ପର୍କରେ ରହିଛି । ଏହାବ୍ୟତୀତ ଯେଉଁ ସବୁ ବିଷୟରେ ପରୀକ୍ଷାର୍ଥୀମାନେ ଫେଲ ହୋଇଛନ୍ତି ସମ୍ପୃକ୍ତ ଶିକ୍ଷକଙ୍କ ସବିଶେଷ ବିବରଣୀ ପ୍ରଧାନଶିକ୍ଷକ ମଧ୍ୟ ପ୍ରଦାନ କରିବେ । ଗୋଟିଏ ଏବଂ ୨ଟି ଲେଖାଏଁ ବିଷୟରେ ଯେଉଁ ସବୁ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି ସେଥିରୁ କେଉଁ ବିଷୟରେ ସର୍ବାଧିକ ପିଲା ରହିଛନ୍ତି ତା'ର ମଧ୍ୟ ତାଲିକା ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଜିଲ୍ଲାଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ମଗାଯିବ । ➤ ପୃ-୬

## ବର୍ଷ ଶେଷ ସୁଦ୍ଧା କୋଭାକ୍ସିନ୍




**ନୂଆଦିଲ୍ଲୀ :** ଡିସେମ୍ବର ପୂର୍ବରୁ କୋଭାକ୍ସିନ୍‌ର ଟ୍ରାଏଲ୍ ସରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ସୂଚନା ପାଇବା ପରେ ଭାରତ ସରକାର କମ୍ପାନୀଠାରୁ କୋଭାକ୍ସିନ୍ ମୂଲ୍ୟ ଓ ଯୋଗାଣ କ୍ଷମତା ସମ୍ପର୍କିତ ତଥ୍ୟ ଲୋଡ଼ିଛନ୍ତି । ବିଶ୍ୱର ଅନେକ ରାଷ୍ଟ୍ର କୋଭିଡ୍-୧୯ ଟିକା ବାହାର କରିବାକୁ ପ୍ରୟାସ ଚଳାଇଛନ୍ତି । ଭାରତ ମଧ୍ୟ ସେମାନଙ୍କ ସହିତ ତାଳ ଦେଇ ଆଗେଇଚାଲିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ସୂଚନା ମୁତାବକ ଚଳିତ ବର୍ଷ ଶେଷସୁଦ୍ଧା ବଜାରରେ କୋଭାକ୍ସିନ୍ ଉପଲବ୍ଧ ହେବ । କେନ୍ଦ୍ର ସରକାର ପ୍ରଥମ ପାଳିରେ ୫୦ ଲକ୍ଷ ଡୋଜ୍ କିଣିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପାଳିର ଡୋଜ୍‌କୁ ସ୍ୱାସ୍ଥ୍ୟକର୍ମୀ, ସୁରକ୍ଷାବାହିନୀର ଯବାନଙ୍କ ସମେତ ଅନ୍ୟାନ୍ୟ କୋଭିଡ୍-୧୯ ଯୋଦ୍ଧାଙ୍କୁ ପ୍ରଦାନ କରାଯିବ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ➤ ପୃ-୬

### ବକ୍ରବାଣୀ




ଏବେ ଯାହାକୁ ନହେଲା କରୋନା
ସିଏ ଅବା କଉଁ ନେତାରେ ଗଣା
ଚତୁର ନେତାଏ ଭାଳିଲେ ବସି
କେମିତି କରିବେ ଛାମୁଁଙ୍କୁ ଖୁସି
ଛାମୁଁଙ୍କୁ ବାଗରେ ବୁଝେଇ ଦେଲେ
ଭୋଟର ସେବାରେ କରୋନା ହେଲେ
ସର୍କାର କରନ୍ତେ ଗୋଟେ ଘୋଷଣା
କରୋନା ରୋଗୀଙ୍କୁ ଟିକଟ ମନା
ଟ୍ୱିଟର ଯାତେରା ବନ୍ଦ ହୁଅନ୍ତା
ନେତାଙ୍କ କରୋନା ଛାଡି ପଳାନ୍ତା ।

——— ଟୁଟୁ

## 'ଭୁବନେଶ୍ୱରରେ ପିକ୍‌ରେ କରୋନା ସଂକ୍ରମଣ'

**ଭୁବନେଶ୍ୱର :** ଭୁବନେଶ୍ୱରରେ ଏବେ ସଂକ୍ରମଣ ପିକ୍‌ରେ ଅଛି । ଦିନକୁ ଦିନ ଅଧିକରୁ ଅଧିକ ଲୋକଙ୍କ ଟେଷ୍ଟ ହେଉଥିବାବେଳେ ଅଧିକରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଆଗାମୀ ମାସକ ପାଇଁ ଭୁବନେଶ୍ୱର ମହାନଗର ନିଗମ ପୂର୍ବ ଆକଳନ କରି ସମସ୍ତ ପ୍ରସ୍ତୁତି ଶେଷ କରିଛି । ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ମଧ୍ୟରେ ଭୁବନେଶ୍ୱରରେ ସଂକ୍ରମଣ ବୃଦ୍ଧିପାଇବ ବୋଲି ଆକଳନ କରାଯାଇଛି । ଏବେ ଭୁବନେଶ୍ୱରରେ ୨୬୧୮ ସକ୍ରିୟ ସଂକ୍ରମିତ ଥିବାବେଳେ ଅଗଷ୍ଟ ୩୧ ସୁଦ୍ଧା ଭୁବନେଶ୍ୱରରେ ପ୍ରାୟ ୪ ହଜାର ଆକ୍ରାନ୍ତ ଥିବା ବିଏମ୍‌ସି ଆକଳନ କରିଛି । ସେହିପରି ସେପ୍ଟେମ୍ବର ୧୫ ବେଳକୁ ଏହି ସଂଖ୍ୟା ୫ହଜାର ନିକଟତର ହୋଇପାରେ ବୋଲି ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି । ସେ କହିଛନ୍ତି ଯେ ଚିହ୍ନଟ ହୋଇଥିବା ୮୦ ଭାଗ ଆକ୍ରାନ୍ତଙ୍କ



ଲକ୍ଷଣ ଦେଖାଯାଇନାହିଁ । ଏଯାବତ୍ ଭୁବନେଶ୍ୱରର ୬୦୦ ଆକ୍ରାନ୍ତ ଘରେ ଏକାନ୍ତବାସରେ ରହି ସୁସ୍ଥ ହୋଇଛନ୍ତି । କରୋନା ଆକ୍ରାନ୍ତଙ୍କ ପାଇଁ ବିଭିନ୍ନ ସ୍ଥାନରେ ଏଯାବତ୍ ଭୁବନେଶ୍ୱରରେ ୪୧୫୧ ଶଯ୍ୟା ରହିଛି । ଯେଉଁଥିରୁ ୩୮% ଶଯ୍ୟାରେ ବିଏମ୍‌ସି ଅଧିନସ୍ଥ ଆକ୍ରାନ୍ତ ଥିବାବେଳେ ୨୨% ଶଯ୍ୟାରେ ଅଣ ବିଏମ୍‌ସି ଆକ୍ରାନ୍ତ ରହିଛନ୍ତି । ଏଥିସହ ଏବେ ମଧ୍ୟ ୪୦% ଶଯ୍ୟା ଖାଲି ଅଛି । ଅଧିକରୁ ଅଧିକ ଆକ୍ରାନ୍ତଙ୍କ ଘରେ ଏକାନ୍ତବାସରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି । ଏଯାବତ୍ ଘରେ ଏକାନ୍ତବାସରେ ରହି ମୋଟ୍ ୨୯ ପ୍ରତିଶତ ଅର୍ଥାତ୍ ୬୦୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଗୃହ ଏକାନ୍ତବାସରେ ରହୁଥିବା ଆକ୍ରାନ୍ତଙ୍କୁ ବିଏମ୍‌ସି ପକ୍ଷରୁ ଆର୍‌ଆର୍‌ଟି ଓ କିଟ୍ ପ୍ରଦାନ କରାଯାଉଛି । ଗତ ୧୫ ଦିନ ମଧ୍ୟରେ ସହରରେ ଟେଷ୍ଟିଂକୁ ଦ୍ୱିଗୁଣିତ କରାଯାଇଛି । ପାଖାପାଖି ୮ରୁ ୯ଟି କ୍ୟାମ୍ପ ସହରର ବିଭିନ୍ନ ସ୍ଥାନରେ କରାଯାଉଥିବାବେଳେ ୨୧ ପିଏଚ୍‌ସି ଓ ସିଏଚ୍‌ସିରେ ପ୍ରତ୍ୟେକ ଦିନ ଟେଷ୍ଟ କରାଯାଉଛି । ଏହାବ୍ୟତୀତ କ୍ୟାପିଟାଲ ହସ୍ପିଟାଲ, ଏମ୍ସ, ଆମ୍ରି, ସମ୍, ଆପୋଲୋରେ କରୋନା ନମୁନା ପରୀକ୍ଷଣ କରାଯାଉଛି । ଶରୀରରେ ଲକ୍ଷଣଥିଲେ ଭୁବନେଶ୍ୱରର ଜନସାଧାରଣ ନମୁନା ପରୀକ୍ଷଣ କରାଇବାକୁ ପଛାନ୍ତୁ ନାହିଁ । ବର୍ତ୍ତମାନ ସମସ୍ତଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । କରୋନା ମୁକାବିଲା କରିବା ପାଇଁ ବିଭିନ୍ନ ➤ ପୃ-୬

## ମାନିଲା ପାକିସ୍ତାନ, କରାଚିରେ ଦାଉଦ



**ଇସଲାମାବାଦ :** ୧୯୯୩ ମୁମ୍ବାଇ ବିସ୍ଫୋରଣର ମାଷ୍ଟର ମାଇଣ୍ଡ ତଥା ଅଣ୍ଡର ୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍ ପାକିସ୍ତାନରେ ରହିଛି । ଦୀର୍ଘ ଦିନରୁ ଭାରତ ଏକଥା କହି ଆସୁଥିଲେ ହେଁ ପାକିସ୍ତାନ ଏହାକୁ ସ୍ୱୀକାର କରି ନଥିଲା । ହେଲେ ପାକିସ୍ତାନ ଦାଉଦ ବନ୍ଦର ନଗରୀ କରାଚିରେ ଆତ୍ମଗୋପନ କରିଥିବା ସ୍ୱୀକାର କରିଛି । ଆଜି ପାକିସ୍ତାନ ୮୮ଜଣ ଆତଙ୍କବାଦୀଙ୍କ ନାଁ ଜାରି କରିଛି । ଜାତିସଂଘ ସୁରକ୍ଷା ପରିଷଦର ନିର୍ଦ୍ଦେଶ ଅନୁସାରେ ପାକିସ୍ତାନ ସେମାନଙ୍କ ସମସ୍ତ ସମ୍ପତ୍ତି ଜବତ କରିବ । ଏହି ତାଲିକାରେ ଦାଉଦ ଇବ୍ରାହିମର ନାଁ ରହିଛି । ଏହାର ଅର୍ଥ ଦାଉଦ ପାକିସ୍ତାନରେ ରହି ତା'ର ଡି-କମ୍ପାନୀର କାର୍ଯ୍ୟକଳାପ ଜାରି ରଖିଥିଲା । ଏବେ ପାକିସ୍ତାନରେ ଥିବା ଦାଉଦର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଏବଂ ସମ୍ପତ୍ତି ଜବତ କରିବାକୁ ଇମ୍ରାନ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଦାଉଦର ଗତିବିଧି ଉପରେ ରୋକ ଲଗାଇବ ପାକିସ୍ତାନ । ଏହି ତାଲିକାକୁ ପାକିସ୍ତାନ ଜାତିସଂଘ ସୁରକ୍ଷା ପରିଷଦକୁ ମଧ୍ୟ ପଠାଇଛି । ଏହାବାଦ୍ ୨୦୦୮ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜାକିଉର ରେହମାନ ଲଖଭୀକୁ ମଧ୍ୟ ପାକିସ୍ତାନ ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India — THE BANKER TO EVERY INDIAN
Bhubaneswar Municipal Corporation — Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

### ବଗଳା ଧର୍ମଶାଳା ଜମି ବିକ୍ରି ପ୍ରସଙ୍ଗ

## 'ପ୍ରପଟି ଡିଲର ସାଜିଛନ୍ତି ରାଜ୍ୟ ସରକାର'




**ଭୁବନେଶ୍ୱର :** ପୁରୀରେ ଥିବା ବଗଳା ଧର୍ମଶାଳାକୁ ରାଜ୍ୟସରକାର ଓ ଜିଲ୍ଲାପ୍ରଶାସନ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରିବା ଆରମ୍ଭ କରିଛନ୍ତି । କିନ୍ତୁ ଧର୍ମଶାଳା ଜମି ବିକ୍ରି ହୋଇପାରିବ ନାହିଁ ବୋଲି ଆଇନ ରହିଛି । ବିଶେଷ କରି ଦାନରେ ମିଳିଥିବା ସଂପତିକୁ ବିକ୍ରି କରାଯାଇ ପାରିବ ନାହିଁ । କିନ୍ତୁ ରାଜ୍ୟସରକାର ଗରିବ ତୀର୍ଥଯାତ୍ରୀଙ୍କ ଉଦ୍ଦେଶ୍ୟରେ ହୋଇଥିବା ଧର୍ମଶାଳାକୁ ଭାଙ୍ଗି ତୁଙ୍ଗ ନେତା ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଖୁସ୍ କରିବା ପାଇଁ ମସୁଧା ଚଲାଇଛନ୍ତି ଏବଂ ଖୋଦ୍ ରାଜ୍ୟସରକାର ସାଜିଛନ୍ତି ପ୍ରପଟି ଡିଲର । ବେଆଇନ ଭାବେ କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥରେ ଏଭଳି ଏକ ଐତିହାସିକ ଧର୍ମଶାଳାକୁ ବିକ୍ରି କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ଶ୍ରୀ ସମ୍ବିତ ପାତ୍ର ରାଜ୍ୟସରକାରଙ୍କୁ ପ୍ରଶ୍ନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି ଯେ, ୧୯୦୫ ମସିହାରେ ଗରିବ ଲୋକ ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀରେ ବଗଳା ଧର୍ମଶାଳା ନିର୍ମାଣ ହୋଇଥିଲା । କହ୍ନେଇ ଲାଲ ବଗଳା ଏହାକୁ ଦାନରେ ଦେଇଥିଲେ । ଏହି ଧର୍ମଶାଳାରେ ତୀର୍ଥଯାତ୍ରୀମାନେ ଅତି କମ୍ ଖର୍ଚ୍ଚରେ ରହଣୀ କରନ୍ତି । ପୁରୀ ବାସୀ ବିବାହ, ବ୍ରତ, ଶୁଦ୍ଧକ୍ରିୟା ଆଦି କାର୍ଯ୍ୟକ୍ରମ ଏହି ଧର୍ମଶାଳାରେ କରୁଥିଲେ । କିନ୍ତୁ ଏତେ ବଡ ଐତିହାସିକ ସ୍ଥାନକୁ ରାଜ୍ୟସରକାର ମାଟିରେ ମିଶାଇବା ପାଇଁ ଯେଉଁ ପ୍ରୟାସ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ । ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ। ବିଦେଶ ଭ୍ରମଣ ସୁଯୋଗ ରହିଛି।

**ବୃଷ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦେଶର ଭ୍ରମଣର ସୁଯୋଗ ରହିଛି।

**ମିଥୁନ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**କର୍କଟ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**ସିଂହ** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ।

**କନ୍ୟା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ତୁଳା** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।


**ବିଛା** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ଧନୁ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ମକର** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ।

**କୁମ୍ଭ** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ମୀନ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ଭାରତକୁ ପାକିସ୍ତାନର ପରମାଣୁ ଧମକ

**କରାଚୀ :** ନିଜ ବିବାଦୀୟ ବୟାନ ନିମନ୍ତେ ସର୍ବଦା ଚର୍ଚ୍ଚାରେ ରହୁଥିବା ପାକିସ୍ତାନ ରେଳମନ୍ତ୍ରୀ ଶେଖ ରସିଦ୍ ପୁଣିଥରେ ଭାରତ ବିରୋଧରେ ଦେଇଛନ୍ତି ଭୟଙ୍କର ମନ୍ତବ୍ୟ। ଭାରତ ସହ ଦେଖାଦେଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ସେ ଭାରତ ଉପରେ ପରମାଣୁ ବୋମା ପକାଇବାକୁ ଧମକ ଦେଇଛନ୍ତି। ରସିଦ୍ ସିଧାସିଧା କହିଛନ୍ତି ଯେ, ପାକିସ୍ତାନ ନିଜ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରି ରଖିଛି। ଏଥର ଯୁଦ୍ଧ ହେଲେ ତାହା ପାରମ୍ପରିକ ଯୁଦ୍ଧ ପରି ହେବନାହିଁ, ସିଧା ପରମାଣୁ ଆକ୍ରମଣ ହେବ। ଯେଉଁଥିରେ ଆସାମ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଅଞ୍ଚଳକୁ ନିଶାଣ କରାଯାଇ ପାରିବ। ଇମ୍ରାନ ସରକାରଙ୍କ ଏହି ମନ୍ତ୍ରୀ ଏ କଥା ମଧ୍ୟ କହିଛନ୍ତି ଆମର ଅସ୍ତ୍ରଶସ୍ତ୍ର ମୁସଲମାନଙ୍କ ଜୀବନ ବଞ୍ଚାଇବାକୁ ଲକ୍ଷ୍ୟରେ ରଖି ଆସାମ ପର୍ଯ୍ୟନ୍ତ ଆକ୍ରମଣକୁ ନିଶାଣ କରାଯିବ। ଅବଶ୍ୟ ରସିଦ୍ ପ୍ରଥମଥର ପାଇଁ ଏପରି ଧମକଭରା ମନ୍ତବ୍ୟ ଦେଇନାହାନ୍ତି। ଏହାପୂର୍ବରୁ ସେ ଅନେକବାର ଭାରତ ବିରୋଧୀ ମନ୍ତବ୍ୟ ଓ ଯୁଦ୍ଧ ଧମକ ମଧ୍ୟ ଦେଇନ୍ତି। ଏକ ବୈଦ୍ୟୁତିକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ, ଏବେ ଆମେରିକା, ଅଷ୍ଟ୍ରେଲିଆ, କାନାଡା ଓ ବ୍ରିଟେନ ବିରୋଧରେ ଚୀନ୍ ଠିଆ ହୋଇଛି। ଏହାସହ ନେପାଳ, ଶ୍ରୀଲଙ୍କା, ଇରାନ ଓ ଋଷକୁ ନେଇ ଚୀନ୍ ନୂଆ ମେଣ୍ଟ କରିଛି। ଏପରି ସ୍ଥିତିରେ ପାକିସ୍ତାନ ଚୀନ୍ ସହ ଠିଆ ହେବାର ଆବଶ୍ୟକତା ରହିଛି।

# ଦେଶରେ ବଢୁଛି ବେକାରି ହାର

**ନୂଆଦିଲ୍ଲୀ :** ଜୁନ୍ ଓ ଜୁଲାଇ ମାସରେ ଭାରତର ବେକାରି ହାର ହ୍ରାସ ପାଇବା ପରେ ଅଗଷ୍ଟ ମାସରେ ପୁଣିଥରେ ବୃଦ୍ଧି ପାଇଛି। ସେଣ୍ଟର ଅଫ୍ ମିନିଟରିଂ ଅଫ୍ ଇଣ୍ଡିଆନ୍ ଇକୋନୋମି (ସିଏମ୍ଆଇଇ) ପକ୍ଷରୁ ଜାରି ତଥ୍ୟ ଅନୁସାରେ ଅଗଷ୍ଟ ୧୬ରେ ସମାପ୍ତ ସପ୍ତାହରେ ଦେଶର ବେକାରି ହାର ୯.୧%କୁ ବୃଦ୍ଧି ପାଇଛି। ସହରାଞ୍ଚଳରେ ବେକାରି ହାର ୯.୬ ପ୍ରତିଶତ ଥିବା ବେଳେ ଗ୍ରାମାଞ୍ଚଳରେ ଏହା ୮.୮ ପ୍ରତିଶତ ରହିଛି। କରୋନା ମୁକାବିଲା ପାଇଁ ଗତ ଏପ୍ରିଲ ଓ ମେ' ମାସରେ ଦେଶର ବେକାରି ହାର ରେକର୍ଡ ୨୩ ପ୍ରତିଶତକୁ ଟପି ଯାଇଥିଲା। କିନ୍ତୁ ଜୁନ୍ ଓ ଜୁଲାଇ ମାସରେ ଲକଡାଉନ୍ କୋହଳ ହେବା ପରେ ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ



ବୃଦ୍ଧି ପାଇଥିଲା। ଏହା ଯୋଗୁଁ ବେକାରି ହାର ହ୍ରାସ ପାଇ ଜୁନ୍‌ରେ ୧୦.୯ ପ୍ରତିଶତ ଓ ଜୁଲାଇରେ ୭.୪ ପ୍ରତିଶତରେ ପହଞ୍ଚିଥିଲା। ନିକଟରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଥିଲା ଯେ, ଲକଡାଉନ୍ ଯୋଗୁଁ ଅର୍ଥନୈତିକ କ୍ଷେତ୍ରରେ ଦେଖାଯାଇଥିବା ଅଚଳାବସ୍ଥା ଯୋଗୁଁ ଭାରତରେ ପ୍ରାୟ ୪୧ଲକ୍ଷ ଯୁବକ/ଯୁବତୀ ନିଯୁକ୍ତି ହରାଇବେ। ସିଏମ୍ଆଇଇ ୨୦୧୬ ପରଠାରୁ ବେକାରି ହାରକୁ ନେଇ ରିପୋର୍ଟ ପ୍ରକାଶ କରିବା ଆରମ୍ଭ କରିଥିଲା। ସେହିଦିନ ଠାରୁ ଏହାର ରିପୋର୍ଟ ଶ୍ରମ ବଜାର ସ୍ଥିତିକୁ ଉପସ୍ଥାପିତ କରୁଛି। ଶ୍ରମ ଶକ୍ତି କହିଲେ ଏହା ବୁଝିବାକୁ ହେବ ଯେ, ଦେଶରେ କେତେ ଲୋକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି, କେତେ ଲୋକ କାମଧନ୍ଦା ସନ୍ଧାନରେ ଅଛନ୍ତି ଏବଂ କେତେ ଲୋକ ସମ୍ପୂର୍ଣ୍ଣ ବେକାର ଅଛନ୍ତି। ସିଏସ୍ଆଇଇ ବେକାରି ହାରକୁ ନେଇ ସର୍ଭେ କରିବା ବେଳେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ଭୌଗୋଳିକ କ୍ଷେତ୍ରର ମାସିକ ୪୩,୬୦୦ ପରିବାରକୁ ବିଚାରକୁ ନେଇଥାଏ।

## ଆଖୁର ଏଫ୍ଆର୍ପି ବୃଦ୍ଧି



**ନୂଆଦିଲ୍ଲୀ :** ଆଖୁଚାଷୀଙ୍କ ପାଇଁ ଖୁସି ଖବର। କେନ୍ଦ୍ର ସରକାର ଆଖୁର ଏଫଆରପି (ଫେୟାର ଏଣ୍ଡ ରିମୁନେରେଟିଭ୍ ପ୍ରାଇସ୍) ଅର୍ଥାତ୍ ଚିନି ମିଲମାନେ ଯେଉଁ ସର୍ବନିମ୍ନ ମୂଲ୍ୟ ଦେଇ ଆଖୁଚାଷୀଙ୍କ ଠାରୁ ଆଖୁ କିଣିଥାନ୍ତି, ତାହାକୁ କ୍ୱିଣ୍ଟାଲ ପିଛା ୧୦ ଟଙ୍କା ବୃଦ୍ଧି କରି ୨୮୫ ଟଙ୍କା ଧାର୍ଯ୍ୟ କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଆଖୁଚାଷୀମାନେ ଉପକୃତ ହେବେ। ପୂର୍ବରୁ କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଖୁର ଏଫଆରପି କ୍ୱିଣ୍ଟାଲ ପିଛା ୨୭୫ ଟଙ୍କାରୁ ୨୮୫ ଟଙ୍କାକୁ ବୃଦ୍ଧି କରିବାକୁ ଏକ ପ୍ରସ୍ତାବ ଦିଆଯାଇଥିଲା। ସେହିପରି କୃଷି ମୂଲ୍ୟ ଓ ଦରଦାମ ଆୟୋଗ ପକ୍ଷରୁ ମଧ୍ୟ ସମାନ ସୁପାରିଶ କରାଯାଇଥିଲା। ପୂର୍ବରୁ କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଖୁର ଏଫଆରପି କ୍ୱିଣ୍ଟାଲ ପିଛା ୨୭୫ ଟଙ୍କାରୁ ୨୮୫ ଟଙ୍କାକୁ ବୃଦ୍ଧି କରିବାକୁ ଏକ ପ୍ରସ୍ତାବ ଦିଆଯାଇଥିଲା। ସେହିପରି କୃଷି ମୂଲ୍ୟ ଓ ଦରଦାମ ଆୟୋଗ ପକ୍ଷରୁ ମଧ୍ୟ ସମାନ ସୁପାରିଶ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଆଖୁ (ନିୟନ୍ତ୍ରଣ) ନିର୍ଦ୍ଦେଶ ୧୯୬୬ ଅନୁସାରେ ଚିନି କଳଗୁଡିକ ଏଫଆରପି ମୂଲ୍ୟରୁ କମ ମୂଲ୍ୟରେ ଆଖୁ କିଣିପାରିବେ ନାହିଁ। ତେବେ ଦେଶର ପ୍ରମୁଖ ଆଖୁ ଉତ୍ପାଦନକାରୀ ରାଜ୍ୟ ଯଥା ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା ନିଜ ରାଜ୍ୟରେ ନିଜେ ଆଖୁର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରନ୍ତି। ସାଧାରଣତଃ ଏହା କେନ୍ଦ୍ର ସରକାରଙ୍କ ଏଫଆରପି ଠାରୁ ଅଧିକ ଥାଏ। ଉଲ୍ଲେଖଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସେମାନଙ୍କ ଆର୍ଥିକ ସୁବିଧା ପାଇଁ ଏହିଭଳି ବିଭିନ୍ନ ପଦକ୍ଷେପ ନେଉଛନ୍ତି।

# ପାକିସ୍ତାନ ସୀମାରେ ତେଜସ

**ନୂଆଦିଲ୍ଲୀ :** ଚୀନ୍ ଓ ପାକିସ୍ତାନ ସହ ଚାଲିଥିବା ସୀମା ବିବାଦ ଭିତରେ ଆଜି ଭାରତ ସରକାର ବଡ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୀମାରେ ପାକିସ୍ତାନର ସବୁପ୍ରକାର ଗତିବିଧିକୁ ଚେକ୍ ଦେବା ପାଇଁ ଆଜି ଭାରତୀୟ ବାୟୁସେନା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲାଇଟ କମ୍ବାଟ ଏୟାରକ୍ରାଫ୍ଟ ତେଜସକୁ ମୁତୟନ କରିଛି। ଲଦାଖ ସୀମାରେ ସୁଖୋଇ, ଜାଗୁଆର, ରାଫେଲ ପରି ଯୁଦ୍ଧ ବିମାନ ମୁତୟନ



କରିବା ପରେ ଏବେ ପାକିସ୍ତାନ ସୀମାରେ ତେଜସ ଲଢୁଆ ବିମାନ ମୁତୟନ କରାଯାଇଛି। ଏଲସିଏ ତେଜସର ଗୋଟିଏ ସ୍କ୍ୱାଡ୍ରନ ବିମାନ ପଶ୍ଚିମ ସୀମାରେ ଫରୱାର୍ଡ ବେସ ଗୁଡିକରେ ମୁତୟନ କରାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲାଇଟ କମ୍ବାଟ ଏୟାରକ୍ରାଫ୍ଟ (ଏଲସିଏ) ତେଜସ ରାଷ୍ଟ୍ରାୟତ୍ତ ସଂସ୍ଥା ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ ଦ୍ୱାରା ନିର୍ମିତ କରାଯାଉଛି। ୮୩ଟି ଏଲସିଏ କିଣିବାକୁ ଭାରତୀୟ ବାୟୁସେନା ହାଲକୁ ଅର୍ଡର ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ସ୍ୱାଧୀନତା ଦିବସ ପରେଡ ଅବସରରେ ଏଲସିଏକୁ ପ୍ରଶଂସା କରିବା ସହ ୮୩ ବିମାନ ଅଧିଗ୍ରହଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ଭାରତ ସରକାର ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେଉଥିବାରୁ ତେଜସ ବିମାନର ଗୁରୁତ୍ୱ ବଢ଼ିଯାଇଛି। ବିଦେଶୀ ବିମାନ ଖରିଦରେ ବିଳମ୍ବ ହେଉଥିବାରୁ ବାୟୁସେନାର ଲଢୁଆ ବିମାନ ଆବଶ୍ୟକତା ମେଣ୍ଟାଇବାକୁ ତେଜସ ନିକଟରେ ସୁଯୋଗ ରହିଛି। ଏହି ବିମାନକୁ କେତେକ ବନ୍ଧୁ ରାଷ୍ଟ୍ରଙ୍କୁ ରପ୍ତାନି କରିବାକୁ ମଧ୍ୟ ଭାରତ ସରକାର ଯୋଜନା କରୁଛନ୍ତି।

# ଜମ୍ମୁ-କଶ୍ମୀରରୁ ହଟିବେ ସିଏପିଏଫ୍‌ର ଯବାନ



**ନୂଆଦିଲ୍ଲୀ :** କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରୁ ଅର୍ଦ୍ଧସାମରିକ ବାହିନୀର ୧୦ ହଜାର ଯବାନ (୧୦୦ କମ୍ପାନୀ)ଙ୍କୁ ତୁରନ୍ତ ପ୍ରତ୍ୟାହାର କରାଯିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି କେନ୍ଦ୍ରଶାସିତ ଅଞ୍ଚଳରୁ ଏତେ ସଂଖ୍ୟାରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ପ୍ରତ୍ୟାହାର କରାଯିବା ଏହା ହେବ ପ୍ରଥମ। ଉଲ୍ଲେଖଯୋଗ୍ୟ ଗତବର୍ଷ ଅଗଷ୍ଟ ମାସରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ସମୟରେ ସେଠାକୁ ୧୦ ହଜାର ଅତିରିକ୍ତ ଯବାନଙ୍କୁ ପଠାଯାଇଥିଲା। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି କେନ୍ଦ୍ରଶାସିତ ଅଞ୍ଚଳରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ମୁତୟନ ସମ୍ପର୍କରେ ସମୀକ୍ଷା କରିବା ପରେ ଏଭଳି ନିଷ୍ପତ୍ତି ନେଇଛି। ଗତ ମେ' ମାସରେ କଶ୍ମୀରରୁ ୧୦ କମ୍ପାନୀ ପ୍ରତ୍ୟାହାର କରାଯାଇଥିଲା ବେଳେ ଡିସେମ୍ବର ମାସରେ ୭୨ ୟୁନିଟ୍ ଯବାନଙ୍କୁ ହଟାଇ ନିଆଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଚଳିତ ସପ୍ତାହ ସୁଦ୍ଧା ଜମ୍ମୁ-କଶ୍ମୀରରୁ ୪୦ କମ୍ପାନୀ ସିଆରପିଏଫ ଏବଂ ୨୦ କମ୍ପାନୀ ସିଆଇଏସ୍ଏଫ୍, ୨୦ କମ୍ପାନୀ ବିଏସ୍ଏଫ୍ ଓ ୨୦ କମ୍ପାନୀ ସଶସ୍ତ୍ର ସୀମାବଳ (ଏସ୍ଏସ୍‌ବି)ଙ୍କୁ ପ୍ରତ୍ୟାହାର କରାଯିବ। ଏହି ୟୁନିଟ୍‌ଗୁଡିକୁ ଦିଲ୍ଲୀକୁ ପଠାଯିବା ଲାଗି ବିମାନ ବ୍ୟବସ୍ଥା କରିବା ଲାଗି ସିଆରପିଏଫକୁ କୁହାଯାଇଛି। ଉଭୟ ଜମ୍ମୁ ଓ ଶ୍ରୀନଗରରୁ ଏହି ୟୁନିଟ୍‌ଗୁଡିକୁ ପ୍ରତ୍ୟାହାର କରିନିଆଯିବ। ତେବେ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଉଗ୍ରବାଦ ଓ ଆତଙ୍କବାଦ ନିରୋଧୀ ୟୁନିଟ୍‌ଗୁଡିକୁ ରଖାଯାଇ ଗତବର୍ଷ ସେଠାକୁ ପଠାଯାଇଥିବା ଅତିରିକ୍ତ ୟୁନିଟ୍‌ଗୁଡିକୁ ଫେରାଇ ଅଣାଯିବ। ସେମାନଙ୍କୁ ଅଧିକ ତାଲିମ ଦିଆଯିବା ସହିତ ବିଶ୍ରାମ ଦେବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ସିଏପିଏଫର ଜଣେ ବରିଷ୍ଠ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି। ସେ ଆହୁରି କହିଛନ୍ତି, ଆଗକୁ ଶୀତଋତୁ ଆସୁଥିବାରୁ ଏହି ୟୁନିଟ୍‌ଗୁଡିକୁ ଏଠାରେ ରଖିବା କଷ୍ଟକର ହୋଇପଡିବ। କାରଣ କଶ୍ମୀର ଉପତ୍ୟକାରେ ସେମାନଙ୍କ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରାଯାଇଥିଲା।

### ପିଏମ୍ କେୟାର୍ସ ଫଣ୍ଡ ସପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ରାୟ

# ଏନ୍‌ଡିଆରଏଫ୍‌କୁ ଯିବନି ଟଙ୍କା

**ନୂଆଦିଲ୍ଲୀ :** ମହାମାରୀ କରେନା ଭାଇରସକୁ ଦୃଷ୍ଟିରେ ରଖି ଗଠନ କରାଯାଇଥିବା ପିଏମ୍ କେୟାର୍ସ ଫଣ୍ଡ ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପିଏମ୍ କେୟାର୍ସ ଫଣ୍ଡ ନାଁରେ ସଂଗ୍ରହ ହୋଇଥିବା ଟଙ୍କାକୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆରଏଫ୍)କୁ ଟ୍ରାନ୍ସଫର କରିବାକୁ ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରି ଦେଇଛନ୍ତି। ଏହାର ଅର୍ଥ ଏନ୍‌ଡିଆରଏଫ୍‌କୁ ପିଏମ୍ କେୟାର୍ସ ଫଣ୍ଡରୁ ଅର୍ଥ ଟ୍ରାନ୍ସଫର କରାଯିବ ନାହିଁ। ସୁପ୍ରିମ୍‌କୋର୍ଟ ବିଚାରପତି ଅଶୋକ ଭୂଷଣ, ଜଷ୍ଟିସ ଆର ସୁଭାଷ ଓ ଜଷ୍ଟିସ ଏମ୍ଆର ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ; ଚ୍ୟାରିଟେବୁଲ ଟ୍ରଷ୍ଟ ଭଳି ପିଏମ୍ କେୟାର୍ସ ଫଣ୍ଡ ପାଇଁ ଅର୍ଥ ସଂଗ୍ରହ ହୋଇଛି। ଏହା ସମ୍ପୂର୍ଣ୍ଣ ଭାବେ ଭିନ୍ନ। ତେଣୁ ପିଏମ୍ କେୟାର୍ସ ଫଣ୍ଡରୁ ଅର୍ଥ ଟ୍ରାନ୍ସଫର କରିବାକୁ ନିର୍ଦ୍ଦେଶ ଦେବାର କୌଣସି ଆବଶ୍ୟକ ନାହିଁ। ହଁ, ଯଦି ସରକାର ଚାହିଁବେ ନିଜ ଇଚ୍ଛା ଅନୁସାରେ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ଏହା



ଟ୍ରାନ୍ସଫର କରିପାରିବେ। ହେଲେ ଏହାର ନିଷ୍ପତ୍ତି କେବଳ ସରକାରଙ୍କ ଉପରେ ରହିଛି। ଏନ୍‌ଡିଆରଏଫ୍‌କୁ ଟଙ୍କା ଦେବା ବା ଅନୁମୋଦନ ପ୍ରଦାନ କରିବା ଏକ ସ୍ୱେଚ୍ଛାକୃତ ବ୍ୟାପାର। ଏହା ଜଣେ ବ୍ୟକ୍ତି କିମ୍ବା ସଂସ୍ଥା ନିଜ ଇଚ୍ଛାରେ ହିଁ କରିପାରିବେ। ଏନ୍‌ଡିଆରଏଫ୍‌କୁ ଟଙ୍କା ଦେବାକୁ କେହି କେବେ ନିର୍ଦ୍ଦେଶ ଦେଇ ପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ମାର୍ଚ୍ଚ ୨୮ ତାରିଖରେ ଭାରତ ସରକାର କରୋନା ମୁକାବିଲା ପାଇଁ ପାଣ୍ଠି ସଂଗ୍ରହ କରିବା ଉଦ୍ଦେଶ୍ୟରେ ପିଏମ୍ କେୟାର୍ସ ଫଣ୍ଡ ଗଠନ କରିଥିଲେ। ନିଜ ଇଚ୍ଛାରେ ଲୋକମାନେ ଏହି ପାଣ୍ଠିକୁ ଦାନ କରିବାକୁ କୁହାଯାଇଥିଲା। ତେବେ ଜାତୀୟ ବିପର୍ଯ୍ୟୟ ଓ ପ୍ରଶମନ ପାଣ୍ଠି ଥିବା ବେଳେ କାହିଁକି ପିଏମ୍ କେୟାର୍ସ ଫଣ୍ଡ ଗଠନ କରାଗଲା, ତା'କୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଥିଲା। ଏହାକୁ ବିରୋଧ କରି ଗୋଟିଏ ଏନ୍‌ଜିଓ ସଂସ୍ଥା ସୁପ୍ରିମ୍‌କୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲା। ଏଥିରେ କୁହାଯାଇଥିଲା ଯେ, ସୁପ୍ରିମ୍‌କୋର୍ଟ ପିଏମ୍ କେୟାର୍ସ ଫଣ୍ଡର ଅର୍ଥକୁ ଏନ୍‌ଡିଆରଏଫ୍‌କୁ ଟ୍ରାନ୍ସଫର କରିବାକୁ ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ଭାରତ ସରକାରଙ୍କୁ କୋଭିଡ୍ ମୁକାବିଲା ପାଇଁ ନୂଆ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ କୁହନ୍ତୁ। ହେଲେ ସୁପ୍ରିମ୍‌କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

# ମାର୍ଚ୍ଚରୁ ଜୁନ ମଧ୍ୟରେ ଦେଶରେ କୃଷିଜାତ ସାମଗ୍ରୀର ରପ୍ତାନୀ ୨୩.୨୪% ବୃଦ୍ଧି

**ନୂଆଦିଲ୍ଲୀ,(ପିଆଇବି):** କୃଷିରେ ଆତ୍ମନିର୍ଭରତା ଭାରତ ଲକ୍ଷ୍ୟ ହାସଲ ନିମନ୍ତେ ଖୁବ ଗୁରୁତ୍ୱପୂର୍ଣ୍ଣ। କୃଷିଜାତ ସାମଗ୍ରୀ ବିଦେଶକୁ ପଠାଇ ବୈଦେଶିକ ମୁଦ୍ରା ଆହରଣ ଦ୍ୱାରା କୃଷକ, ଉତ୍ପାଦକ ଓ ରପ୍ତାନିକାରୀ ସମସ୍ତେ ଆନ୍ତର୍ଜାତିକ ବଜାର ଜରିଆରେ ସେମାନଙ୍କ ଆୟବୃଦ୍ଧିର ସୁଯୋଗ ପାଉଛନ୍ତି। ରପ୍ତାନୀ ଯୋଗୁଁ କୃଷି ଉତ୍ପାଦନ ଓ ଉତ୍ପାଦକତାରେ ମଧ୍ୟ ବୃଦ୍ଧି ଘଟିଛି। ବିଶ୍ୱ ବାଣିଜ୍ୟ ସଂଗଠନର ଏକ ପରିସଂଖ୍ୟାନ ଅନୁସାରେ ଭାରତର କୃଷିଜାତ ସାମଗ୍ରୀ ରପ୍ତାନୀ ୨୦୧୭ରେ ୨.୨୭ ପ୍ରତିଶତ ଥିବା ବେଳେ ଆମଦାନୀ ୧.୯୦ ପ୍ରତିଶତ ଥିଲା। ଏପରିକି ବୈଶ୍ୱିକ ମହାମାରୀର ଲକଡାଉନ କାଳରେ ଏଥିରେ କୌଣସି ବ୍ୟତିକ୍ରମ ନଘଟି ଦେଶ ତାହାର ରପ୍ତାନୀ ଧାରା ଅବ୍ୟାହତ ରଖିଥିଲା। ଚଳିତ ବର୍ଷ ମାର୍ଚ୍ଚରୁ ଜୁନ ମାସ ମଧ୍ୟରେ କୃଷିଜାତ ସାମଗ୍ରୀ ରପ୍ତାନୀରୁ ୨୫୫୫୨.୭ କୋଟି ଟଙ୍କା ଆୟ ହୋଇଥିବା ବେଳେ ଗତ ବର୍ଷ ଏହି ସମୟ ମଧ୍ୟରେ ୨୦୭୩୪.୮ କୋଟି ଟଙ୍କା ଆୟ ହୋଇଥିଲା। ସେଦୃଷ୍ଟିରୁ ଦେଖିଲେ ଚଳିତ ବର୍ଷର ରପ୍ତାନୀରେ ୨୩.୨୪ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୧୭-୧୮ ଆର୍ଥିକ ବର୍ଷରେ କୃଷି ରପ୍ତାନୀ ବାବଦରୁ ଭାରତର କୃଷି ଜିଡିପି ୯.୪ ପ୍ରତିଶତ ଥିବାବେଳେ ୨୦୧୮-୧୯ରେ ଏହା ୯.୯କୁ ବୃଦ୍ଧି ପାଇଥିଲା। କୃଷିଜାତ ସାମଗ୍ରୀର ରପ୍ତାନୀ ଏହି ସମୟ ମଧ୍ୟରେ ୫.୭ ପ୍ରତିଶତରୁ ୪.୯ ପ୍ରତିଶତକୁ ହ୍ରାସ ପାଇଥିଲା। ଏଥିରୁ ରପ୍ତାନୀ ବାବଦ ଅଧିକ ଲାଭ ମିଳିଥିବା ବେଳେ କୃଷିଜାତ ଦ୍ରବ୍ୟର ଆମଦାନୀ ଉପରେ ନିର୍ଭରଶୀଳତା ମଧ୍ୟ ହ୍ରାସ ପାଉଛି। ସ୍ୱାଧୀନତା ପରଠାରୁ କୃଷି କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଘଟିଛି। ୧୯୫୦-୫୧ ଭିତରେ ଦେଶର କୃଷିଜାତ ସାମଗ୍ରୀ ରପ୍ତାନୀରୁ ମାତ୍ର ୧୪୯ କୋଟି ଟଙ୍କା ମିଳିଥିବା ବେଳେ ୨୦୧୯-୨୦ରେ ଏହା ୨.୫୩ ଲକ୍ଷ କୋଟିରୁ ବୃଦ୍ଧି ପାଇଛି। ଗତ ୧୫ ବର୍ଷ ମଧ୍ୟରେ ସମସ୍ତ କୃଷିଜାତ ସାମଗ୍ରୀର ରପ୍ତାନୀରେ ଆଶାନୁରୂପ ପ୍ରଗତି ଘଟିଛି। କୃଷି ଉତ୍ପାଦନରେ ଭାରତ ଏକ ଅଗ୍ରଣୀ ଦେଶ ହୋଇଥିଲେ ମଧ୍ୟ ଏହା ବିଶ୍ୱର କେତେକ ପ୍ରମୁଖ ଆମଦାନକାରୀଙ୍କ ତାଲିକାରେ ସ୍ଥାନ ପାଇପାରି ନାହିଁ। ଉଦାହରଣ ସ୍ୱରୂପ ଗହମ ଉତ୍ପାଦନରେ ଭାରତ ବିଶ୍ୱରେ ୨ୟ ସ୍ଥାନ ଅଧିକାର କରିଥିବା ବେଳେ ରପ୍ତାନୀ କ୍ଷେତ୍ରରେ ଏହାର ସ୍ଥାନ ୩୪ରେ ରହିଛି। ସେହିପରି ପନିପରିବା ଉତ୍ପାଦନରେ ଭାରତ ବିଶ୍ୱରେ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ରପ୍ତାନୀ କ୍ଷେତ୍ରରେ ଏହା ୧୪ ତମ ସ୍ଥାନରେ ରହିଛି। ଫଳ ଉତ୍ପାଦନରେ ମଧ୍ୟ ଭାରତ ବିଶ୍ୱରେ ୨ୟ ସ୍ଥାନରେ ଥିବାବେଳେ ରପ୍ତାନୀ କ୍ଷେତ୍ରରେ ଏହା ୨୩ତମ ସ୍ଥାନରେ ରହିଛି। କୃଷିରେ ଅନ୍ୟାନ୍ୟ ଅଗ୍ରଣୀ ରାଷ୍ଟ୍ରଙ୍କ ସହ ସମକକ୍ଷ ହେବାକୁ ହେଲେ ଆମକୁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ପଡିବ। ଏହାକୁ ଦୃଷ୍ଟିରେ ରଖି କୃଷି ସହଯୋଗ ଏବଂ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଏକ ବିସ୍ତୃତ ଯୋଜନା କୃଷି ବିପଣନକୁ ପ୍ରୋତ୍ସାହନ ଦେବାପାଇଁ ପ୍ରସ୍ତୁତ କରାଯାଇଛି। ଏକ ଉତ୍ତମ ରଣନୀତି ପ୍ରସ୍ତୁତ ପାଇଁ ପ୍ରାକ୍ ଉତ୍ପାଦନ, ଉତ୍ପାଦନ ଓ ଅମଳ ପରିବର୍ତ୍ତୀ ସମସ୍ୟାଗୁଡିକର ଅନୁଧ୍ୟାନ କରାଯାଇଛି। ବର୍ତ୍ତମାନ ଉତ୍ପାଦିତ ହେଉଥିବା ସାମଗ୍ରୀଗୁଡିକର ସ୍ଥିତି, ରପ୍ତାନୀ ଏବଂ ଏଥିରେ ଥିବା ବାଧାବିଘ୍ନଗୁଡିକ ସମ୍ପର୍କରେ ବିଶ୍ଳେଷଣ କରାଯାଇଛି। ଏକ ଦ୍ୱୈତନୀତି ସ୍ୱରୂପ କୃଷି ରପ୍ତାନୀ ବୃଦ୍ଧି ସହ ଆମଦାନୀ ହେଉଥିବା ସାମଗ୍ରୀଗୁଡିକର ବିକଳ୍ପ ସମ୍ପର୍କରେ ମଧ୍ୟ ଚିନ୍ତା କରାଯାଇଛି। ଏହାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ରପ୍ତାନୀ ପାଇଁ ଉଦ୍ଦିଷ୍ଟ ସାମଗ୍ରୀଗୁଡିକର ଗୁଣାତ୍ମକ ମାନ ଉପରେ ଗୁରୁତ୍ୱ ଦିଆଯାଇ ଏହା କିପରି ବିଦେଶ ବଜାରରେ ଆଦୃତ ହେବ ସେ ସମ୍ପର୍କରେ ଚିନ୍ତା କରାଯାଇଛି। ଉପସାଗରୀୟ ଦେଶଗୁଡିକରେ ବିପଣନ ବୃଦ୍ଧି ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଠାରେ ସୂଚନାଯୋଗ୍ୟ ଯେ, ଉଦ୍ୟାନ କୃଷି ଏକ କ୍ରମବର୍ଦ୍ଧିଷ୍ଣୁ କ୍ଷେତ୍ର ରୂପେ ଉଭା ହୋଇଛି। ଭାରତ ଫଳ ଓ ପନିପରିବା ଉତ୍ପାଦନରେ ବିଶ୍ୱର ୨ୟ ସ୍ଥାନରେ ଅଛି। ଭାରତ ବିଦେଶକୁ ବାର୍ଷିକ ୮.୨୩ ଲକ୍ଷ ଟନ ଅର୍ଥାତ ୫.୬୩୮ କୋଟି ଟଙ୍କାର ଫଳ ଏବଂ ୩୧.୯୨ ଲକ୍ଷ ଟନ ପନିପରିବା ଅର୍ଥାତ୍ ୫.୬୭୯ କୋଟି ଟଙ୍କାର ପନିପରିବା ରପ୍ତାନୀ କରିଥାଏ। ରପ୍ତାନୀ ସାମଗ୍ରୀ ମଧ୍ୟରେ ଅଙ୍ଗୁର ସବୁଠାରୁ ଆଗରେ ଥିବାବେଳେ ତା'ପଛକୁ ଆମ୍ବ, ଡାଳିମ୍ବ, କଦଳୀ ଏବଂ କମଳାର ସ୍ଥାନ ରହିଛି। ତଟକା ପନିପରିବା ରପ୍ତାନୀ ସାମଗ୍ରୀ ମଧ୍ୟରେ ପିଆଜ, ମିଶ୍ରିତ ପନିପରିବା ଆଳୁ, ଟମାଟୋ ଓ କଞ୍ଚାଲଙ୍କା ମୁଖ୍ୟ ସ୍ଥାନ ଅଧିକାର କରିଥାଏ। ତେବେ ପୃଥିବୀ ବ୍ୟାପୀ ୨୦୮ ବିଲିୟମ ଆମେରିକୀୟ ଡଲାରର ଫଳ ଓ ପନିପରିବାର କାରବାର ହେଉଥିବା ବେଳେ ଭାରତର ସ୍ଥାନ ଏଥିରେ ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ଦୃଷ୍ଟିରୁ ଫଳ ଓ ପନିପରିବା ରପ୍ତାନୀ ପାଇଁ ଦେଶର ପର୍ଯ୍ୟାପ୍ତ ସୁବିଧା ରହିଛି। ତଟକା ଫଳ ଓ ପନିପରିବା ବିଶେଷକରି ଅଙ୍ଗୁର, ଆମ୍ବ, ଡାଳିମ୍ବ, ପିଆଜ, ଆଳୁ ଓ କାକୁଡି ଇତ୍ୟାଦି ରପ୍ତାନୀ ନିମନ୍ତେ ବିଶେଷ ରଣନୀତି ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନର କୃଷି ଉପଯୋଗୀ ଅଞ୍ଚଳଗୁଡିକୁ ଅଧିକ ଶକ୍ତିଶାଳୀ କରାଯିବା ସହ ଅଧିକ ପରିମାଣ ଓ ଗୁଣାତ୍ମକ ସାମଗ୍ରୀ ଉତ୍ପାଦନ ପାଇଁ ଅଧିକ କ୍ଷେତ୍ର ପ୍ରସ୍ତୁତ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଖାଇବା ତେଲ, କାଜୁ, ଫଳ ଓ ମସଲା ଇତ୍ୟାଦି ରପ୍ତାନୀ ବନ୍ଦ କରି ଏହାର ବିକଳ୍ପ ଦେଶରେ ଖୋଜିବା ପାଇଁ ଯୋଜନା ପ୍ରସ୍ତୁତ ମଧ୍ୟ ହୋଇଛି। କୃଷି ମନ୍ତ୍ରଣାଳୟ ଅଧିନସ୍ଥ କୃଷି ସହଯୋଗ ଓ କୃଷକ କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ରପ୍ତାନୀ ବୃଦ୍ଧି ଫୋରମ ମାନ ସୃଷ୍ଟି କରାଯାଇଛି। ଏଗୁଡିକ କୃଷି ରପ୍ତାନୀ ବୃଦ୍ଧିରେ ସହାୟକ ହେବେ। ରପ୍ତାନୀ ବୃଦ୍ଧି ଫୋରମ ୮ଟି ଓ କୃଷିଜାତ ସାମଗ୍ରୀ ଯଥା ଅଙ୍ଗୁର, ଆମ୍ବ, କଦଳୀ, ପିଆଜ, ଚାଉଳ, ସୋୟାବିନ, ଡାଳିମ୍ବ ଏବଂ ଫୁଲ ଚାଷ ଇତ୍ୟାଦି ପାଇଁ ଏପିଇଡିଏ ଅଧୀନରେ ଏକ ଯୋଜନା ପ୍ରସ୍ତୁତ କରିଛି। ପତ୍ୟେକ ରପ୍ତାନୀ ପ୍ରମୋଶନ ଫୋରମରେ ସେହି ସାମଗ୍ରୀର ରପ୍ତାନିକାରୀ ଏହାର ସଦସ୍ୟ ଭାବେ ରହିବା ବେଳେ ଏଥିରେ ବିଭାଗୀୟ ଅଧିକାରୀମାନେ ମଧ୍ୟ ରହିବେ। ଏପିଇଡିଏର ଅଧ୍ୟକ୍ଷ ଏହି ଫୋରମଗୁଡିକର ଅଧ୍ୟକ୍ଷ ଭାବେ କାର୍ଯ୍ୟ ମଧ୍ୟ କରିବେ। ପ୍ରତି ଦୁଇ ମାସରେ ଠାରେ ଫୋରମର ବୈଠକମାନ ଅନୁଷ୍ଠିତ ହୋଇ ରପ୍ତାନୀ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ଓ ଅନ୍ୟାନ୍ୟ ବିଷୟ ସମ୍ପର୍କରେ ବୈଠକରେ ସୁପାରିଶ କରିପାରିବେ। ଏହି ଫୋରମଗୁଡିକ ନୀରବଚ୍ଛିନ୍ନ ଭାବେ ରପ୍ତାନୀ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ଓ ପ୍ରଶାସନିକ ପଦକ୍ଷେପ ଉପରେ ନଜର ରଖିବେ। ସେମାନେ ଉତ୍ପାଦନକାରୀ, ରପ୍ତାନିକାରୀ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପ୍ରତି ମଧ୍ୟ ଦୃଷ୍ଟି ଦେବେ। ଫୋରମର ସୁପାରିଶଗୁଡିକ ଏପିଇଡିଏ କର୍ତ୍ତୃପକ୍ଷ କିମ୍ବା ଉତ୍ପାଦନ କମିଟି ସାମନାରେ ରଖାଯିବ। କୃଷି ମନ୍ତ୍ରଣାଳୟ ସମେତ ଏଥିସହ ସଂଶ୍ଳିଷ୍ଟ ଅନ୍ୟାନ୍ୟ ବିଭାଗଗୁଡିକ ସହ ଫୋରମ ପକ୍ଷରୁ ସମନ୍ୱୟ ରକ୍ଷା କରାଯିବ।

# ଓଡ଼ିଶା ‘ଦ୍ରୁତତମ ଗତିଶୀଳ ରାଜ୍ୟ’




**ଭୁବନେଶ୍ୱର :** କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ତରଫରୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଫଳାଫଳ ପ୍ରକାଶ ପାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱଚ୍ଛ ମହୋତ୍ସବ ଅବସରରେ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ ଏହି ଫଳାଫଳ ଘୋଷଣା କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଜାତୀୟ ସ୍ତରରେ ଦ୍ରୁତ ଅଗ୍ରଗାମୀ ରାଜ୍ୟ ଭାବେ ଓଡ଼ିଶା ପ୍ରଥମ ପୁରସ୍କାର ହାସଲ କରିଛି। ସେହିପରି ବ୍ରହ୍ମପୁର ମହାନଗର ନିଗମକୁ ଅଭିନବ ଯୋଜନା ନିମନ୍ତେ ପୁରସ୍କୃତ କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ଉତ୍ସବରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନ ଓ ବିଭାଗର ଅନ୍ୟାନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ଜେନା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବ୍ରହ୍ମପୁର ମହାନଗର ନିଗମ ପାଇଁ ଗଞ୍ଜାମ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନର ପୁରସ୍କାର ଗ୍ରହଣ କରିଥିଲେ। ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ମ୍ୟାଟେରିଆଲ ରିକଭରୀ ଫାସିଲିଟି ଆଦି ବିକେନ୍ଦ୍ରୀକୃତ ବ୍ୟବସ୍ଥା ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ତରଳ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ମୋ ଖତ ଯୋଜନାରେ ଜୈବିକ ଖତ ପ୍ରସ୍ତୁତି, ବିକେନ୍ଦ୍ରୀକୃତ ମଳ ପରିଚାଳନା ଏବଂ ସର୍ବୋପରି ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ଓ ସହଭାଗିତା ରାଜ୍ୟର ‘ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା’ ଗଢ଼ିବା ଲକ୍ଷ୍ୟକୁ ବେଶ୍ ସୁଦୃଢ଼ କରିପାରିଛି। ପୁରସ୍କାର ଗ୍ରହଣ ପରେ ମନ୍ତ୍ରୀ ଶ୍ରୀ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ସଫଳତା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ଗୃହ ଓ ନଗର ଉନ୍ନୟନ ବିଭାଗର ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୨୦୧୬ ମସିହାରୁ ଦେଶରେ ଆରମ୍ଭ କରାଯାଇଥିବା ସ୍ୱଚ୍ଛ ସର୍ବେକ୍ଷଣ ମାଧ୍ୟମରେ ସହରଗୁଡ଼ିକରେ ସେବା ବ୍ୟବସ୍ଥାର ଉନ୍ନତି, ନାଗରିକମାନଙ୍କର ସକ୍ରିୟ ଅଂଶଗ୍ରହଣ, ପରିମଳ ବ୍ୟବସ୍ଥା ବଜାୟ ରଖିବା ଲାଗି ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ୨୦୧୬ ମସିହାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ୭୩ଟି ସହରରେ ଏହି ସର୍ବେକ୍ଷଣ କରାଯାଇଥିବାବେଳେ ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୪୩୪ଟି ସହର, ୨୦୧୮ ମସିହାରେ ୪୨୦୩ଟି ସହରରେ ଏହି ସର୍ବେକ୍ଷଣ ହୋଇଥିଲା। ଚଳିତବର୍ଷ ଏହି ସର୍ବେକ୍ଷଣରେ ୪୨୪୨ଟି ସହରକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପର ସୁଫଳ ମିଳୁଛି



**ଭୁବନେଶ୍ୱର,(ପିଆଇବି) :** କରୋନା ମହାମାରୀ ସଂକ୍ରମଣ ଓ ଏଥିପାଇଁ ଜାରି ହୋଇଥିବା ଲକଡାଉନ ଅନେକ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ମାତ୍ର ଏଥିରେ ବିଚଳିତ ନହୋଇ ଆହ୍ୱାନକୁ ଅବସରରେ ପରିଣତ କରିବା ଲାଗି ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏପରି ବିପତି କାଳରେ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ସେ ସଂକଳ୍ପ ନେଇଛନ୍ତି। ତାଙ୍କର ଏହି ଆହ୍ୱାନର ପ୍ରତିଫଳନ ଦେଶର ବିଭିନ୍ନ ପ୍ରାନ୍ତରେ ଧୀରେ ଧୀରେ ଦେଖିବାକୁ ମିଳିଲାଣି। ଯାହାର ପ୍ରକୃଷ୍ଟ ଉଦାହରଣ ସାଜିଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଂଚଳର କିଛି ମହିଳା ଓ ପୁରୁଷ। ସେମାନେ ଖାଦ୍ୟ ବିତରଣ (ଫୁଡ ଡେଲିଭରୀ) ବ୍ୟବସାୟ ଆରମ୍ଭ କରି ହୋଇପାରିଛନ୍ତି ଆତ୍ମନିର୍ଭରଶୀଳ। ପାଇଛନ୍ତି ନୂଆ ଜୀବିକାର୍ଜନର ପନ୍ଥା। ସ୍ଥାନୀୟ ଅଂଚଳରେ ଗୁରୁକୃପା ନାମକ ଘରୋଇ ଶିକ୍ଷାନୁଷ୍ଠାନରେ କାମ କରୁଥିଲେ କିଛି ପୁରୁଷ ଓ ମହିଳା। ସେମାନେ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ନେବା ଆଣିବା ସହିତ ଅନ୍ୟାନ୍ୟ ସେବା ଯୋଗାଇ ଦେଇ ମାସିକ କିଛି ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଲକଡାଉନରେ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯିବା ଫଳରେ ଏମାନଙ୍କର ଜୀବିକା ଓ ଜୀବନ ପ୍ରଭାବିତ ହୋଇଥିଲା। ହେଲେ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନେ ଭାଙ୍ଗି ନପଡ଼ି ରୋଜଗାର ନୂଆ ମାର୍ଗ ପାଇଁ ଯୋଜନା କଲେ। ଅବସରକୁ ଆହ୍ୱାନରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସାକାର କରିବା ସହିତ ନୂତନ ଜୀବିକା ନିର୍ବାହ ପାଇଁ ଅଂଟା ଭିଡ଼ିଲେ। ସମସ୍ତେ ମିଶି ଏବେ ଏମ.ଏସ. ଫୁଡ୍ସ ନାମରେ ସଂସ୍ଥାଟିଏ ଗଢ଼ିଛନ୍ତି। ଏ ସଂସ୍ଥା କରୋନା ଆକ୍ରାନ୍ତ ଏବଂ ଗୃହ ସଙ୍ଗରୋଧରେ ଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଉଛି। ବରାଦ ମୁତାବକ ଅନ୍ୟ ଲୋକମାନଙ୍କୁ ମଧ୍ୟ ଖାଦ୍ୟ ଯୋଗାଇ ଦିଆଯାଉଛି। ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ସଂସ୍ଥାରେ ଜଡ଼ିତ ଲୋକମାନେ ମତ ଦେଇଛନ୍ତି। ସୁସ୍ୱାଦୁ ଓ ଉଚ୍ଚଗୁଣବତା ସମ୍ପନ୍ନ ଖାଦ୍ୟ ଯୋଗାଇ ଦେଉଥିବାରୁ ଏମଏସ ଫୁଡ୍ସର ଖାଦ୍ୟ ଡେଲିଭରୀ ସେବା ଏବେ ସ୍ଥାନୀୟ ଅଂଚଳରେ ବିଶେଷ ଆଦୃତି ଲାଭ କରିଛି। ପୂର୍ବ ବରାଦ ମୁତାବକ ଘରକୁ ଘର ବୁଲି ଏମାନେ ଖାଦ୍ୟ ପ୍ୟାକେଟ ପହଁଚାଉଛନ୍ତି। ଫଳରେ ଲକଡାଉନରେ ଥିବା ଲୋକମାନେ ମନମୁତାବକ ଖାଦ୍ୟ ପାଇପାରୁଛନ୍ତି। ଅପରପକ୍ଷରେ ଏହାଦ୍ୱାରା ଏମ.ଏସ. ଫୁଡ୍ସର କର୍ମଚାରୀମାନେ ଲକଡାଉନ ସମୟରେ ଜୀବିକାର୍ଜନରେ ସଫଳ ହୋଇଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଓ ସାମୁହିକ ପ୍ରୟାସ ବଳରେ ଏମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ବାସ୍ତବରେ କରୋନା ମହାମାରୀ ଏବଂ ଲକଡାଉନର ସଂଘର୍ଷ ଏମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ନୂଆ ରାହା ଦେଖାଇଛି। ବାସ୍ତବରେ ଏମ.ଏସ ଫୁଡ୍ସ କର୍ମଚାରୀ ଆଜି ହୋଇପାରିଛନ୍ତି ଆତ୍ମନିର୍ଭର ଭାରତର ପରିଚୟ।

## ବିଭୂତି ଭୂଷଣ ପଟ୍ଟନାୟକ, ସୁଧାଂଶୁ ଶେଖର ରଥ ଓପିଏସ୍‌ସି ସଦସ୍ୟ

**ଭୁବନେଶ୍ୱର :** ରାଜ୍ୟ ସରକାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ସଦସ୍ୟ ଭାବେ ଅବସରପ୍ରାପ୍ତ ଆଇଏଏସ୍ ବିଭୂତି ଭୂଷଣ ପଟ୍ଟନାୟକ ଓ ପ୍ରଫେସ ସୁଧାଂଶୁ ଶେଖର ରଥଙ୍କୁ ନିଯୁକ୍ତି ଦେଇଛନ୍ତି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଜଗନ୍ନାଥ ଲେଙ୍କାକୁ ଓପିଏସ୍‌ସି ସଦସ୍ୟ ଭାବେ ନିଯୁକ୍ତି ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଗତ ଜୁଲାଇ ୩୧ ତାରିଖରେ ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାର ଭାବେ ଅବସର ନେଇଥିବା ଆଇଏଏସ୍ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଆଜି ଓପିଏସ୍‌ସି ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଶ୍ରୀ ପଟ୍ଟନାୟକ ପର୍ଯ୍ୟଟନ ନିର୍ଦ୍ଦେଶକ, ଝାରସୁଗୁଡା ଜିଲ୍ଲାପାଳସମେତ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ସେହିପରି ପ୍ରଫେସର ରଥ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବା ପରେ ତା’ର ପ୍ରଥମ କୁଳପତି ଭାବେ କାର୍ଯ୍ୟ କରିଥିଲେ। ସେ ଅର୍ଥନୀତି ବିଭାଗର ପ୍ରଫେସର ଭାବେ ଜଣାଶୁଣା। ସେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଓଏସ୍‌ଡି, ରେଜିଷ୍ଟ୍ରାର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ଅନେକ ଲେଖା ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି।

### ଲଘୁଚାପ ଜନିତ ଲଗାଣ ବର୍ଷାରେ ଉପକୂଳ ୪ଟି ଜିଲ୍ଲାର ଜମି ଜଳମଗ୍ନ ହେବା ପ୍ରସଙ୍ଗ

## ‘ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ’



**ଭୁବନେଶ୍ୱର :** ଗତ କିଛିଦିନ ତଳେ ଉପକୂଳ ଅଂଚଳର ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲ୍ଲାରେ ଲଘୁଚାପ ବର୍ଷା ପ୍ରଭାବରେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ଜମିରେ ପାଣି ଥିବାରୁ ରୁଆ ବେଉଷଣ କାର୍ଯ୍ୟ ବନ୍ଦ ହୋଇଛି । ଅନ୍ୟପଟେ ରୁଆ ଯାଇଥିବା ଧାନ ଜମିରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଧାନ ଗଛ ନଷ୍ଟ ହୋଇଯିବାର ଆଶଙ୍କା ରହିଛି । ଏନେଇ ଚାଷୀକୂଳ ମନରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି । ଏହି ପାଣିକୁ ନିଷ୍କାସନ କରିବା ପାଇଁ ରାଜ୍ୟସରକାର ଆଜି ପର୍ଯ୍ୟନ୍ତ କୌଣସି ସଠିକ୍ ପଦ୍ଧତି ନଆପଣାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଅଭିଯୋଗ କରିଛନ୍ତି । କରୋନା ମୁକାବିଲା କରୁଥିବା ସମୟରେ ଆର୍ଥିକ ଅଭିବୃଦ୍ଧି ୬ ପ୍ରତିଶତରୁ କମ ଥିବାବେଳେ ଚାଷୀଭାଇମାନେ ଦିନ ରାତି କଠିନ ପରିଶ୍ରମ କରି ରାଜ୍ୟକୁ ଆର୍ଥିକ ଅଭିବୃଦ୍ଧିରେ ନିଜକୁ ସାମିଲ କରିଛନ୍ତି । ଲଘୁଚାପ ଜନିତ ଲଗାଣ ବର୍ଷାରେ ଚାଷୀର ଅଂଟା ଭାଙ୍ଗି ପଡିଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରାଯାଇ ନାହିଁ କି ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇନାହିଁ । ଆଗାମୀ ୨୧ ତାରିଖରେ ଆଉ ଥରେ ଲଘୁଚାପ ବର୍ଷା ହେବାର ସମ୍ଭାବନା ଅଛି । ସରକାର ଏନେଇ କଣ ଯୋଜନା କରିଛନ୍ତି ତାହା ଚାଷୀ ଭାଇ ମାନଙ୍କୁ ଅବଗତ କରାନ୍ତୁ । ବର୍ଷାର ପରିମାଣ ବୃଦ୍ଧି ହେଲେ ଧାନ ଫସଲ ପୂରା ଧୋଇଯିବାର ଆଶଙ୍କା ରହିଛି । ବିପତି ସମୟରେ ରାଜ୍ୟସରକାର ଚାଷୀଙ୍କ ପାଖରେ ଛିଡା ହୋଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଶ୍ରୀ ନାଏକ ଦାବୀ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଉପସ୍ଥିତ ଥିଲେ।


# ଗୃହରକ୍ଷୀଙ୍କ ଦୈନିକ ପ୍ରାପ୍ୟ ୫୩୩ ଟଙ୍କା




**କଟକ :** ୨୦୨୦, ଜାନୁଆରୀରୁ ଗୃହରକ୍ଷୀମାନେ ପ୍ରତିଦିନ ୫୩୩ ଟଙ୍କା ପ୍ରାପ୍ୟ ପାଇବେ। ଏ ବାବଦ ବକେୟା ପ୍ରାପ୍ୟ ଗୃହରକ୍ଷୀଙ୍କୁ ତିନି ମାସ ମଧ୍ୟରେ ପ୍ରଦାନ କରାଯିବ। ଗୃହରକ୍ଷୀଙ୍କ ସମ୍ପର୍କିତ ରିଟ୍ ଅପିଲର ଶୁଣାଣି କରି ହାଇକୋର୍ଟ ଏପରି ରାୟ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ରାଜ୍ୟର ପ୍ରାୟ ୧୭ ହଜାର ୬୭୫ ଗୃହରକ୍ଷୀ ବର୍ଦ୍ଧିତ ହାରରେ ଦୈନିକ ପ୍ରାପ୍ୟ ପାଇବା ପାଇଁ ପଥ ପରିଷ୍କାର ହୋଇଯାଇଛି। ସୂଚନାଥାଉ କି, ୨୦୨୦, ଫେବୃଆରୀ ୨୮ରେ ହାଇକୋର୍ଟ ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୃହରକ୍ଷୀଙ୍କୁ ବର୍ଦ୍ଧିତ ହାରରେ ପ୍ରାପ୍ୟ ପ୍ରଦାନ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ସପ୍ତମ ବେତନ କମିଶନଙ୍କ ସୁପାରିସ ଓ ଅଗ୍ନିଶମ ଓ ଗୃହରକ୍ଷୀ ମହାନିର୍ଦ୍ଦେଶକଙ୍କ ସୁପାରିସ ତଥା ସୁପ୍ରିମ୍‌କୋର୍ଟଙ୍କ ୨୦୧୫ର ନିର୍ଦ୍ଦେଶ ଅନୁଯାୟୀ ଗୃହରକ୍ଷୀଙ୍କୁ ପ୍ରାପ୍ୟ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ବିଭାଗର ସବୁଠାରୁ ତଳ ପାହ୍ୟାରେ ଥିବା କନଷ୍ଟେବଲଙ୍କୁ ପ୍ରଦାନ କରାଯାଉଥିବା ପ୍ରାପ୍ୟକୁ ଆଧାର କରି ଦୈନିକ ଗୃହରୀକ୍ଷୀଙ୍କୁ ୫୩୩ ଟଙ୍କା ପ୍ରଦାନ ପାଇଁ ଗୃହରକ୍ଷୀ ମହାନିର୍ଦ୍ଦେଶକ ସୁପାରିସ କରିଥିଲେ। ଏହି ସୁପାରିସ ଏକ ମାସ ଭିତରେ କାର୍ଯ୍ୟକାରୀ କରି ୨୦୧୬, ନଭେମ୍ବର ୧୦ରୁ ଗୃହରକ୍ଷୀଙ୍କୁ ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଗୃହରକ୍ଷୀଙ୍କ ସଂଶୋଧିତ ପ୍ରାପ୍ୟ ନିର୍ଦ୍ଧାରଣ ପର୍ଯ୍ୟନ୍ତ ସେମାନଙ୍କୁ ଦୈନିକ ୫ଶହ ଲେଖାଏ ପ୍ରଦାନ କରାଯିବ। ୨୦୨୦, ଜାନୁଆରୀ ମାସରୁ ପିଛିଲା ଭାବେ ଏହି ପ୍ରାପ୍ୟ ଗୃହରକ୍ଷୀଙ୍କୁ ପ୍ରଦାନ କରାଯିବ। ୨୦୨୦, ଜାନୁଆରୀ ମାସରୁ ପିଛିଲା ଭାବେ ଏହି ପ୍ରାପ୍ୟ ଗୃହରକ୍ଷୀଙ୍କୁ ପ୍ରଦାନ କରାଯିବ। ଏହାର ଭବିଷ୍ୟତ ଗୃହରକ୍ଷୀ ମହାନିର୍ଦ୍ଦେଶକଙ୍କ ସୁପାରିସ ଆଧାରରେ ସରକାର ବର୍ଦ୍ଧିତ ପ୍ରାପ୍ୟ ପ୍ରସଙ୍ଗରେ ଗ୍ରହଣ କରିବାକୁ ଥିବା ଚୂଡାନ୍ତ ନିଷ୍ପତ୍ତି ଉପରେ ନରିର୍ଭର କରିବ। ସରକାରଙ୍କ ଏ ସମ୍ପର୍କିତ ନିଷ୍ପତ୍ତିର ତିନି ମାସ ଭିତରେ ଗୃହରକ୍ଷୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ଫେବୃଆରୀ ୨୮ରେ ପ୍ରକାଶିତ ରାୟରେ ସ୍ପଷ୍ଟ କରାଯାଇଥିଲା। ଜଣିକିଆ ବିଚାରପତି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟରେ ରିଟ୍ ଅପିଲ ଦାୟର କରିଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ଡକ୍ଟର ଜଷ୍ଟିସ କେ ମିଶ୍ରଙ୍କୁ ନେି ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ରିଟ୍ ଅପିଲର ଶୁଣାଣି କରି ଦୈନିକ ୫୩୩ ଟଙ୍କା ପ୍ରାପ୍ୟ ସଂକ୍ରାନ୍ତୀୟ ଗୃହରକ୍ଷୀ ମହାନିର୍ଦ୍ଦେଶକଙ୍କ ସୁପାରିସ କାର୍ଯ୍ୟକାରୀ ନିର୍ଦ୍ଦେଶ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ୨୦୧୬, ଜାନୁଆରୀ ୧୦ରୁ ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ ପାଇଁ ୨୦୨୦, ଫେବୃଆରୀ ୨୮ରେ ପ୍ରଦାନ କରାଯାଇଥିବା ରାୟରେ ପରିବର୍ତ୍ତନ କରି ୨୦୨୦, ଜାନୁଆରୀରୁ ଗୃହରକ୍ଷୀମାନେ ବର୍ଦ୍ଧିତ ପ୍ରାପ୍ୟ ପାଇ ପାରିବେ ବୋଲି ଖଣ୍ଡପୀଠ ରାୟ ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ କରୋନା ସମୀକ୍ଷା ବୈଠକ

# ଖୋର୍ଦ୍ଧା, କଟକ, ସୁନ୍ଦରଗଡ, ରାୟଗଡା ଜିଲ୍ଲା ପାଇଁ ସ୍ୱତନ୍ତ୍ର ରଣନୀତି




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କୋଭିଡ ପରିସ୍ଥିତି ଓ ରଣନୀତି ସମ୍ପର୍କରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରି ଖୋର୍ଦ୍ଧା, କଟକ, ସୁନ୍ଦରଗଡ ଓ ରାୟଗଡା ଜିଲ୍ଲାରେ ଅଞ୍ଚଳଭିତ୍ତିକ ରଣକୌଶଳ ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛନ୍ତି, ଯାହାଫଳରେ ଆସନ୍ତା ସପ୍ତାହ ମଧ୍ୟରେ ଏହିସବୁ ଜିଲ୍ଲାରେ ପଜିଟିଭ୍ ସଂଖ୍ୟା ହ୍ରାସ କରିବା ଦିଗରେ ଆମେ ଅଗ୍ରଗତି କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଆଜି ପ୍ରତି ୧୦ଲକ୍ଷ ସଂଖ୍ୟାରେ ୧୦୯୬ ଟେଷ୍ଟ କରି ଓଡ଼ିଶା ଆଜି ଜାତୀୟ ସ୍ତରରେ ଦୈନିକ ସର୍ବାଧିକ ଟେଷ୍ଟ କରୁଥିବା ରାଜ୍ୟରେ ପରିଗଣିତ ପାଇଛି। ଏହାସହିତ ସପ୍ତାହ ମଧ୍ୟରେ ଦୈନିକ ଟେଷ୍ଟ ସଂଖ୍ୟା ୫୦ ହଜାରକୁ ବୃଦ୍ଧି ପାଇଛି। ଏହା ଉପରେ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ, ସମସ୍ତ ଜିଲ୍ଲାପାଳ ଓ ସେମାନଙ୍କ ଟିମ୍ ତଥା ସମସ୍ତ ଡାକ୍ତର ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଏହା ଜାରି ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ବର୍ତ୍ତମାନ ସୁଦ୍ଧା ୫ଟି ପ୍ଲାଜମା ଥେରାପି ୟୁନିଟ୍ ସ୍ଥାପିତ ହୋଇଛି। କୋଭିଡ୍ ରୋଗର ଚିକିତ୍ସା କ୍ଷେତ୍ରରେ ପ୍ଲାଜମା ଥେରାପି ଏକ ଉପାଦେୟ ପଦ୍ଧତି ଭାବରେ ପ୍ରମାଣିତ ହୋଇଛି। କୋରାପୁଟ ମେଡିକାଲ କଲେଜରେ ଆଉ ଏକ ପ୍ଲାଜମା ବ୍ୟାଙ୍କ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ଆସନ୍ତା ସପ୍ତାହ ସୁଦ୍ଧା ସ୍ଥାପନ କରାଯିବ ବୋଲି ଜଣାଯାଇଛି। ପରିଶେଷରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ବର୍ଷାଜନିତ ପରିସ୍ଥିତି, କୃଷି କାର୍ଯ୍ୟକ୍ରମ, ଜୀବିକା ସୃଷ୍ଟି କାର୍ଯ୍ୟକ୍ରମ ଏବଂ ଏମ୍‌ଏସ୍‌ଏମ୍‌ଇ ସମ୍ପର୍କରେ ବିଭିନ୍ନ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। କୃଷି କ୍ଷେତ୍ରରେ ସମସ୍ତ କାର୍ଯ୍ୟ ଯେପରି ସୂଚାରୁରୂପେ ଜାରି ରହିବ ଓ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ସେ ଅଧିକାରୀମାନଙ୍କୁ ଦୃଢ଼ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ୟୁରିଆ ସାର ସ୍ଥିତି ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ, ରାଜ୍ୟରେ କୋଭିଡ୍ ମୃତ୍ୟୁ ହାର କମ୍ କରିବା ପାଇଁ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ ଦ୍ୱାରା ୭ଟି ମେଡିକାଲ କଲେଜର ପ୍ରଫେସରମାନଙ୍କୁ ନେଇ ମଲ୍ଟି ଡିସ୍‌ପିଲିନାରୀ ଟେକ୍ନିକାଲ ଟିମ୍ ଗଠନ କରାଯାଇଛି। ସେମାନେ ଏ କ୍ଷେତ୍ରରେ ଉପଯୁକ୍ତ ପରାମର୍ଶ ଦେଇ କୋଭିଡ୍ ଚିକିତ୍ସାକୁ ଫଳପ୍ରଦ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର ରାଜ୍ୟରେ କୋଭିଡ୍ ମୁକାବିଲା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକର କୋଭିଡ ରୋଗୀମାନଙ୍କ ଚିକିତ୍ସା ପାଇଁ ବାଲେଶ୍ୱରରେ ଏକ ପ୍ଲାଜମା ଷ୍ଟୋରେଜ୍ ୟୁନିଟ୍ ସ୍ଥାପନ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ପିକେ ଜେନା ମଧ୍ୟ କୋଭିଡ୍ ପରିଚାଳନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନ, ଗୃହ ବିଭାଗର ପ୍ରମୁଖ ସଚିବ, ଅର୍ଥ ବିଭାଗର ପ୍ରମୁଖ ସଚିବ ଏବଂ ବିଭିନ୍ନ ଜିଲ୍ଲାର ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ଆଲୋଚନା ସଂଚାଳନା କରିଥିଲେ। ରାଜ୍ୟରେ କୋଭିଡରେ ମୁକାବିଲା ପାଇଁ ୫୦ ଲକ୍ଷରୁ ଅଧିକ ଲୋକ ଟ୍ରେନିଂ ପାଇଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଥିରେ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, କୋଭିଡ୍ କମିଟି ସଦସ୍ୟ ଏବଂ ଆହୁରି ଅନେକ ଅନ୍ତର୍ଭୁକ୍ତ ଅଛନ୍ତି। ଏହା ବାସ୍ତବରେ ଏକ ବଡ ସଫଳତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ରାଜ୍ୟରେ ଲକ୍ଷଣବିହୀନ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଗୃହ ସଙ୍ଗରୋଧକୁ ଉତ୍ସାହିତ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ପ୍ରଚାର ଅଭିଯାନ ସହିତ ପଞ୍ଚାୟତିରାଜ ପ୍ରତିନିଧି ଓ କୋଭିଡ୍ କେୟାର କମିଟି ଗୁଡିକର ସହାୟତା ନେବା ପାଇଁ ମଧ୍ୟ ସେ କହିଛନ୍ତି। ଲୋକଙ୍କ ମନରେ ଗୃହ ସଙ୍ଗରୋଧ ସମ୍ପର୍କରେ ଯଦି କୌଣସି ସନ୍ଦେହ ଥାଏ ତାକୁ ଦୂର କରିବା ଦିଗରେ ଏହା ସହାୟକ ହେବ। ଏ କ୍ଷେତ୍ରରେ ଜିଲ୍ଲା ପର୍ଯ୍ୟବେକ୍ଷକମାନେ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟରେ ଦୈନିକ ଟେଷ୍ଟ ସଂଖ୍ୟା ୫୦ ହଜାରରେ ପହଞ୍ଚି ଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରି ଏହି ଧାରା ବଜାୟ ରଖିବା ପାଇଁ କହିଥିଲେ। ଏଥିପାଇଁ ଟେଷ୍ଟ କିଟ୍ ସପ୍ଲାଇ ଚେନ୍‌କୁ ଉତ୍ତମ ରୂପେ ପରିଚାଳନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ରାଜ୍ୟରେ କୋଭିଡ୍ ମୃତ୍ୟୁ ହାର କମ୍ ରହିଛି। ଏହାକୁ ଆହୁରି କମ୍ କରିବା ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବା ଆବଶ୍ୟକ ବୋଲି ସେ କହିଥିଲେ। ବିଭିନ୍ନ କର୍ପୋରେଟ୍ କ୍ଷେତ୍ର ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ସ୍ଥାପନ କରାଯାଉଥିବା କୋଭିଡ୍ କେୟାର ସେଣ୍ଟର ଆହୁରି ଅଧିକ ସଂଖ୍ୟାରେ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ପ୍ଲାଜମାଦାତା ମାନଙ୍କର ମହାନ କାର୍ଯ୍ୟକୁ ସ୍ୱୀକୃତି ଦେଇ ସେମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ଲାଜମା ସଂଗ୍ରହ ଓ ପ୍ରୟୋଗ ପ୍ରଣାଳୀରେ ଆହୁରି ଉନ୍ନତି ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୋଭିଡ୍ ହସ୍ପିଟାଲରେ କାମ କରୁଥିବା ଯୋଦ୍ଧା ଓ ରୋଗୀ ମାନଙ୍କ ସହିତ ସିଧାସଳଖ ଫୋନ୍ ଯୋଗେ ଆଲୋଚନା କରି ସେମାନଙ୍କ ଠାରୁ ଫିଡ୍‌ବ୍ୟାକ୍ ସଂଗ୍ରହ କରିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୪ - ୩୦ ଅଗଷ୍ଟ, ୨୦୨୦

# ଜୀବନ ପାଇଁ ସବୁବେଳେ ଆହ୍ୱାନ ଅଛି

କେବଳ ସାମ୍ପ୍ରତିକ ସମୟକୁ ନେଇ ଜୀବନର ଆକଳନ ହୋଇନପାରେ। ସୃଷ୍ଟି ଆରମ୍ଭରୁ ଯେବେଠାରୁ ମଣିଷର ଆବିର୍ଭାବ ହୋଇଛି, ସେବେଠାରୁ ଅନେକ ପ୍ରତିବନ୍ଧକ ଓ ଆହ୍ୱାନର ସାମ୍ନା କରିବାକୁ ପଡିଛି। ହେଲେ ବିଲୁପ୍ତ ହୋଇଯାଇନି ମଣିଷ ସଭ୍ୟତା। ଆଜି ମହାମାରୀ କରୋନା ପରିପ୍ରେକ୍ଷୀରେ ଜୀବନ କଥା ମନକୁ ଆସିଲେ ଶଙ୍କା, ଆଶଙ୍କା, ଭୟ ଓ ଭବିଷ୍ୟତକୁ ନେଇ ଅନୁସନ୍ଧିତ୍ସା ଦେଖାଯାଉଛି। ଗୋଟେ ପଟେ ଭୂତାଣୁ ଆକ୍ରମଣ ଅନ୍ୟଟେ ଜୀବନ ପ୍ରତି ମୋହ ମଣିଷକୁ ବ୍ୟସ୍ତ ବିବ୍ରତ କରୁଛି। କାରଣ ମାତ୍ର ୬ ମାସ ଆଗରୁ ବିଶ୍ୱ ବିକାଶକୁ ନେଇ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ବେଳେ ବର୍ତ୍ତମାନ ଜୀବନ ରକ୍ଷାର ଭ୍ୟାକ୍ସିନ ପାଇଁ ଅନେକ ପରୀକ୍ଷାର ସମ୍ମୁଖୀନ ହେଉଛି। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଉନ୍ନତି ହୋଇଥିବା ଦାବି କରୁଥିବା ଦେଶ ଗୁଡିକ କୋଭିଡ-୧୯ ଟୀକା ପ୍ରସ୍ତୁତି କ୍ଷେତ୍ରରେ ସେପରି ସଫଳତା ହାସଲ ନ କରିବା ବିସ୍ମୟ ସୃଷ୍ଟି କରିଛି। ଯେଉଁ ସମୟରେ ମଙ୍ଗଳ ଗ୍ରହରେ ବା ଚନ୍ଦ୍ର ପୃଷ୍ଠରେ ନିଜର ବାସସ୍ଥାନ ପରିକଳ୍ପନା କରାଯାଉଥିଲା, ସେଭଳି ସ୍ଥଳେ ଗୋଟିଏ ମାରାତ୍ମକ ଭୂତାଣୁକୁ ନଷ୍ଟ କରିଦେବା ଭଳି ଔଷଧ ବିକଶିତ ନହୋଇପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଯଦିଓ ଅନେକ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ଏ ଦିଗରେ ନିଜର ପ୍ରୟାସ ଜାରି ରଖିଛନ୍ତି, ତଥାପି ଏଯାବତ କେହି ଶତପ୍ରତିଶତ ସଫଳତା ପାଇଥିବା ପ୍ରମାଣିତ ହୋଇପାରିନାହିଁ। ବିଜ୍ଞାନର ଅଗ୍ରଗତି ସଭ୍ୟତାକୁ ଶିଖରରେ ପହଞ୍ଚାଇବାର ସବୁଉଦ୍ୟମ ସଫଳ ହେଉଥିଲା ବେଳେ କରୋନା ଯେଭଳି ଭୟଙ୍କର ରୂପ ଧରିଛି ଓ ଏହାର ପ୍ରଭାବରେ ବିଶ୍ୱର କୋଟି କୋଟି ଲୋକ ଏଥିରେ ଆକ୍ରାନ୍ତ ହୋଇ ଜୀବନ ସହ ଜୁଝୁଛନ୍ତି। ଦୈନିକ ଲକ୍ଷ ଲକ୍ଷ ଲୋକ କରୋନା ସଂକ୍ରମିତ ହେଉଛନ୍ତି ଓ ହଜାର ହଜାର ଲୋକଙ୍କ ଜୀବନ ଦୀପ ଲିଭିଯାଉଛି। ଏହାଠୁ ବଳି ଦୁଃଖଦ ଖବର ଆଉ କ'ଣ ଥାଇପାରେ। ଏ ଭିତରେ ଜୀବନ ପାଇଁ ଲଢ଼େଇ କରୁକରୁ ଜୀବିକା ସଙ୍କଟ ବଢ଼ିଚାଲିଛି। ଭୂତାଣୁ ଭୟରେ ପରିସ୍ଥିତି ପୂର୍ବପରି ସ୍ୱାଭାବିକ ହୋଇପାରୁନାହିଁ। ବିମାନ ସେବା, ରେଳ ସେବା, ବସ ସେବା ଠାରୁ ଆରମ୍ଭ କରି ସାଧାରଣ ଯାତାୟାତ ସୁବିଧା ବାଧାପ୍ରାପ୍ତ ହୋଇଛି। ସବୁଠୁ କିଭଳି ଏକ ଅଜଣା ଭୟ ମଣିଷକୁ ଗ୍ରାସ କରିଚାଲିଛି। ଶିଳ୍ପ କାରଖାନାରେ ସ୍ୱାଭାବିକ ଅବସ୍ଥା ଫେରିଆସୁନାହିଁ। କିଛି ଦେଶରେ ଲକଡାଉନ ସରିଯାଇଛି ଓ ଆଉ କିଛି ଦେଶରେ ଅନଲକ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ କରୋନା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିପାରିନାହିଁ। କେତେକ ଦେଶ କରୋନା ଭ୍ୟାକ୍ସିନ ପରୀକ୍ଷଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚାଇଥିବା ଦାବି କରୁଛନ୍ତି। ଏ ଦିଗରେ ଭାରତ ମଧ୍ୟ ନିଜର ଭ୍ୟାକ୍ସିନ ପରୀକ୍ଷଣ ଜାରି ରଖିଛି। ହେଲେ ଏହି ପରୀକ୍ଷା କେବେ ସରିବ ଓ ଏହାର ଉପକାର ମଣିଷ ସମାଜ ପାଇବ ତାହା ଏଯାଏ ଚୂଡାନ୍ତ ହୋଇନାହିଁ। ତେଣୁ ଆଶାରେ ଜୀବନ ଭଳି ବିଶ୍ୱବସୀ କରୋନା ଟୀକା ଅପେକ୍ଷାରେ ରହିଛନ୍ତି। ଯେଉଁ ଅଳ୍ପ କିଛି ଦେଶ କରୋନାକୁ କାବୁ କରିଥିବା କହୁଛନ୍ତି, ସେ ସବୁ ରାଷ୍ଟ୍ର କମ ଜନବହୁଳ। କିନ୍ତୁ ଭାରତ ଭଳି ୧୩୦ କୋଟି ଜନବହୁଳ ରାଷ୍ଟ୍ର ପାଇଁ ଏହା ନିଶ୍ଚିତ ରୂପେ ଏକ ବଡ ଆହ୍ୱାନ ସୃଷ୍ଟି କରିଛି। ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଭାରତର ବର୍ତ୍ତମାନ ସ୍ଥିତି ସାମାନ୍ୟ ନିୟନ୍ତ୍ରଣରେ ଥିଲେ ବି ଏହାକୁ ନିୟନ୍ତ୍ରଣ କରାନଗଲେ ଆକ୍ରାନ୍ତ ବଢ଼ିବା ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଚାଲିବ। ଅଗଷ୍ଟ ସୁଦ୍ଧା ସ୍ଥିତି ନିୟନ୍ତ୍ରଣକୁ ଆସିବ ବୋଲି ପୂର୍ବରୁ କୁହାଯାଇଥିଲେ ବି ଯାହା ଜଣାପଡୁଛି ସେପ୍ଟେମ୍ବର ମାସର ଅବସ୍ଥା ହିଁ ପ୍ରକୃତ ସ୍ଥିତିର ସୂଚନା ଦେଇପାରେ। ବର୍ତ୍ତମାନର ସୂଚନା ଅନୁସାରେ ଦେଶର କିଛି ରାଜ୍ୟରେ କରୋନାର ପ୍ରଭାବ କମୁଛି। ଓଡ଼ିଶାରେ ମଧ୍ୟ ଟେଷ୍ଟିଂ ହାର ତୁଳନାରେ ପଜିଟିଭ ହାର କମ ରହିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ବି ସୁସ୍ଥତା ହାର ବୃଦ୍ଧିପାଇବା ନିଶ୍ଚୟ ଶୁଭଙ୍କର ବୋଲି ଭାବିବାକୁ ପଡିବ। ହେଲେ ଏସବୁ ଭିତରେ ଚକିତ କଲାଭଳି ସଦ୍ୟତମ ଖବର ଏହା ଯେ, ଚୀନର ଯେଉଁ ଉହାନ ପ୍ରଦେଶ ଏହି ଭୂତାଣୁର ଉତ୍ପତ୍ତିସ୍ଥଳ କୁହାଯାଉଥିଲା, ସେଠାରେ ଏବେ ଜନଜୀବନ ପୂର୍ବଭଳି ସ୍ୱାଭାବିକ। ଗତ ସପ୍ତାହରେ ଏଠାରେ ବିଚ୍ ଫେଷ୍ଟିଭଲ ଅନୁଷ୍ଠିତ ହୋଇଛି। ଯେଉଁ ୧୫ ରୁ ୨୦ ହଜାର ଲୋକ ସମବେତ ହୋଇଥିଲେ କାହାରି ମୁହଁରେ ମାସ୍କ ନଥିଲା କି ଏଠାରେ ସାମାଜିକ ଦୂରତା ବୋଲି କିଛି ନଥିଲା। ପର୍ଯ୍ୟଟନ ଆୟ ବୃଦ୍ଧି ପାଇଁ ଚୀନ ଏବେ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିଥିବା ଦର୍ଶାଯାଇଥିଲା। ହେଲେ ବିଶ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ଦେଶରେ କରୋନା ଯୋଗୁ ନିଜର ଅର୍ଥନୀତି ଦୁର୍ବଳ ହୋଇଗଲାଣି। ଧାର୍ମିକ, ପର୍ଯ୍ୟଟନ ସ୍ଥଳ, ହୋଟେଲ, ରେଷ୍ଟୋରାଁ ବନ୍ଦ ପଡିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି।

ବନ୍ଦ ଅଛି ଫୁଟପାଥ ଛୋଟ ଦୋକାନ। ସିନେମାଘର ବନ୍ଦ ପଡିଛି। ଉତ୍ସବ ମୁଖର ନାହିଁ ଗାଁ କି ସହର। ଭୟର ବାତାବରଣ ସବୁଠି ଗୋଟେ ଅଦ୍ଭୁତ ନୀରବତା ସୃଷ୍ଟି କରିଛି। ସଭା ନାହିଁ କି ବିକ୍ଷୋଭ ଆନ୍ଦୋଳନ ନାହିଁ। ସ୍କୁଲ କଲେଜ ବନ୍ଦ। ଶିକ୍ଷାନୁଷ୍ଠାନରେ ତାଲା। ଯଦିଓ ଅନଲକ ପ୍ରକ୍ରିୟା ଫଳରେ ନିୟମ କାନୁନ ଭିତରେ କିଛି ମଲ ଖୋଲିବାକୁ ଅନୁମତି ମିଳୁଛି। ଅନଲାଇନ ଯୋଗେ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। କୋଳାହଳ ନାହିଁ କି ଗଡୁନି ସ୍କୁଲ କଲେଜ ବସ୍। ଏପଟେ ସେପ୍ଟେମ୍ବରକୁ ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଉପରେ କିଛି ବିଶେଷଜ୍ଞ ଆକଳନ କରିଛନ୍ତି। ବର୍ତ୍ତମାନର ସ୍ଥିତିରେ ଦୈନିକ ବୃଦ୍ଧି ଘଟିବା ଓ ମୃତ୍ୟୁ ସଂଖ୍ୟା ବଢ଼ିବା ଦେଖିଲେ ଏହି ମହାମାରୀ କେବେ ବିଦାୟ ନେବ ତାହା କେହି ବି ସ୍ପଷ୍ଟ ଭାବେ କହିପାରୁନାହାନ୍ତି। ଅନ୍ୟପକ୍ଷରେ ଭାରତରେ କରୋନା ପାଇଁ ପ୍ରସ୍ତୁତ ହେଉଥିବା ଦୁଇଟି କମ୍ପାନୀର ପରୀକ୍ଷଣ ତୃତୀୟ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅନ୍ୟ ଟୀକା ଭଳି ସରକାର କୋଭିଡ ଭ୍ୟାକ୍ସିନ ପାଇଁ ତୁରନ୍ତ ଅନୁମତି ଦେଇପାରିଲେ ଏହା ସଂକ୍ରମଣ ବୃଦ୍ଧି କାଳରେ ଲୋକଙ୍କ ନିକଟରେ ଉପଲବ୍ଧ ହୋଇପାରନ୍ତା। ଯଦିଓ ଏହା ନିଃସନ୍ଦେହ ଯେ, ଭାରତ ସରକାର କରୋନା ନିୟନ୍ତ୍ରଣ ଭଳି ଭ୍ୟାକ୍ସିନ୍ ବାବଦରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ବିଶେଷଜ୍ଞ, ପଦାଧିକାରୀଙ୍କୁ ନେଇ ଗଠିତ ଏହି କମିଟି ନିୟମିତ ବ୍ୟବଧାନରେ ବୈଠକ କରି ଏ ସମ୍ପର୍କରେ ଅଧିକ ତ୍ୱରାନ୍ୱିତ କରୁଛନ୍ତି। ତେଣୁ ଆଶା କରାଯାଏ ଋଷିଆ, ଆମେରିକା ଟୀକା ପୂର୍ବରୁ ଭାରତୀୟ ଔଷଧ କମ୍ପାନୀ ଖୁବ୍ ଶୀଘ୍ର ଭ୍ୟାକ୍ସିନ ଉପଲବ୍ଧ କରିପାରିବେ। ଏଭଳି ହେଲେ ଦେଶରେ କରୋନା ସଂକ୍ରମଣ ଦ୍ରୁତ ହ୍ରାସ ପାଇପାରିବ। ଅନ୍ୟପଟେ ଲକଡାଉନ୍ ଓ ସଟ୍‌ଡାଉନ ବେଳେ ଅଣନିଃଶ୍ୱାସୀ ହୋଇପଡିଥିବା ମଧ୍ୟବିତ୍ତମାନେ ପରିବାରର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଲାଗିପଡିଛନ୍ତି। କଟକଣା ଭିତରେ ଯେତିକି ସମୟ ହାତରେ ରହୁଛି, ସେଥିରେ ରୋଜଗାର କରି ପରିବାର ଚଳାଇବା ଏକ ଆହ୍ୱାନ ସଦୃଶ ହୋଇଛି। ତେଣୁ ଅବସ୍ଥା ନ ସୁଧୁରିବା ଯାଏ ସାମାଜିକ ଦୂରତା ନିୟମ ପାଳନ ସହ ମାସ୍କ ନପିନ୍ଧି ପଦାକୁ ବାହାରିଲେ ବିପଦ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଚି। ତେଣୁ ଜୀବିକା ଅନୁସନ୍ଧାନରେ ଯିବାବେଳେ ଜୀବନ କିଭଳି ସୁରକ୍ଷିତ ରହିପାରିବ ତାହା ହିଁ ପ୍ରାଥମିକତା।

ସମ୍ପାଦକୀୟ



ତାରକ ମହାନ୍ତି

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମାହି-ଗୋଟେ ଯୁଗର ମହାରଥୀ



ଡ.ମୌସୁମୀ ପରିଡା

୧୯୮୧ ମସିହା, ଜୁଲାଇ ୭ ତାରିଖରେ ବିହାରର ରାଂଚିଠାରେ (ବର୍ତ୍ତମାନ ଝାଡଖଣ୍ଡଠାରେ ଅବସ୍ଥାପିତ) ଜନ୍ମଗ୍ରହଣ କରିଥିବା ମହେନ୍ଦ୍ର ସିଂହ ଧୋନୀ କେବଳ ଜଣେ ଭଲ କ୍ରିକେଟର୍ ନୁହନ୍ତି ଭଲ ମଣିଷ ତଥା ବିଶ୍ୱର ଶ୍ରେଷ୍ଠ ଅଧିନାୟକଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ପିତା ପାନ୍ ସିଂହ ମୂଳତଃ ଉତରାଖଣ୍ଡର ରାଜପୁତ୍ ପରିବାରରୁ ଆସି ରାଂଚିରେ ଥିବା ଷ୍ଟିଲ୍ କମ୍ପାନୀ ମେକନ୍‌ରେ କାର୍ଯ୍ୟ କରୁଥିଲେ। ମାଆ ଦେବକୀ ଦେବୀ, ପିତା ପାନ୍ ସିଂହ ଧୋନୀ, ବଡ ଭାଇ ନରେନ୍ଦ୍ର ସିଂହ ଧୋନୀ ଓ ବଡ ଭଉଣୀ ଜୟନ୍ତୀ ଗୁପ୍ତାଙ୍କୁ ନେଇ ଥିଲା ତାଙ୍କ ପରିବାର। ସ୍କୁଲରେ ପଢିବାବେଳଠାରୁ ଖେଳପ୍ରିୟ ଥିଲେ ମହେନ୍ଦ୍ର ସିଂହ ଧୋନୀ ଓରଫ୍ ମାହି। କ୍ରିକେଟ ବ୍ୟତୀତ ସେ ଫୁଟବଲ୍, ବ୍ୟାଡ୍‌ମିଂଟନ୍ ଖେଳିବାକୁ ଭଲପାଉଥିଲେ। ସେ ତାଙ୍କ ସ୍କୁଲ୍ ଫୁଟ୍‌ବଲ୍ ଦଳର ଗୋଲ୍ ରକ୍ଷକ ଥିଲେ। ଥରେ ତାଙ୍କ ଫୁଟ୍‌ବଲ୍ କୋଚ୍ ତାଙ୍କୁ ସ୍ଥାନୀୟ କ୍ରିକେଟ୍ ଦଳରେ ୱିକେଟ ରକ୍ଷକ ଭାବେ ସୁଯୋଗ ଦେଇଥିଲେ। ନିଜ ଖେଳ ଦ୍ୱାରା ସେ ଅନ୍ୟମାନଙ୍କୁ ଏତେ ପ୍ରଭାବିତ କରିଥିଲେ ଯେ ତାଙ୍କୁ ହିଁ ୱିକେଟ୍ କିପର୍ ଭାବେ କମାଣ୍ଡୋ କ୍ରିକେଟ୍ କ୍ଲବ ଦଳରେ ( ୧୯୯୫-୯୮ ) ସ୍ୱତନ୍ତ୍ର ସ୍ଥାନ ତଥା ମର୍ଯ୍ୟାଦା ମିଳିଲା। କ୍ରମାଗତ ଭାବେ ଭଲ ଖେଳିବାରୁ ଷୋଳ ବର୍ଷ ବୟସ ଭିତରେ ଥିବା ପିଲାମାନଙ୍କ ବର୍ଗରେ ଭିନୁ ମଙ୍କଡ ଚାମ୍ପିୟନ୍ ଟ୍ରଫି ପାଇଁ ୧୯୯୭-୯୮ ମସିହାରେ ସ୍ଥାନ ପାଇଲେ । ତାଙ୍କ ବ୍ୟକ୍ତିତ୍ୱ ହିଁ ତାଙ୍କୁ ଅନନ୍ୟ କରି ଗଢିତୋଳେ। ତାଙ୍କ ସହିତ ସୁରେଶ ରୈନାଙ୍କ ଅବସର ଗ୍ରହଣ କ୍ରିକେଟ ଜଗତ ପାଇଁ ଦୁଃଖଦାୟକ ନିଷ୍ପତ୍ତି। ତାଙ୍କ ସଦ୍ୟ ଖେଳ ଏଥର ଖେଳପଡିଆରେ ଦେଖିବା ସ୍ୱପ୍ନ ହୋଇଯିବ। ବିସ୍ଫୋରକ ବ୍ୟାଟିଂ, ପରିପକ୍ୱ ୱିକେଟ୍ ରକ୍ଷା ଓ ଅଧିନାୟକତ୍ୱ ତଥା ସାଥୀ ଖେଳାଳିମାନଙ୍କୁ ଦେଉଥିବା ସାହସ ଓ ଉପଦେଶ ଆଉ ଦେଖିବାକୁ ମିଳିବନି ତାଙ୍କଠାରୁ। ତେବେ ବି ସେ ସ୍ମରଣୀୟ ରହିବେ ନିଜ ଥଣ୍ଡା ମିଜାଜ୍ ପାଇଁ ଯାହା ସାଧାରଣତଃ ଖେଳାଳିମାନଙ୍କଠାରେ ଦେଖାଯାଏନାହିଁ।

ତାଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା ମନେହୁଏ। ସବୁଠି ସେ ନିଜର ଛାପ ଛାଡିଯାଇଛନ୍ତି। ସ୍କୁଲ୍‌ଠାରୁ ଆରଂଭ କରି ନିଜ ଦଳ ତଥା ପ୍ରଶଂସକମାନଙ୍କ ମନମାନସରେ। ଅଠର ବର୍ଷ ବୟସରେ ସେ ପ୍ରଥମେ ୧୯୯୯-୨୦୦୦ ମସିହାରେ ବିହାରର ରଣଜୀ ଟ୍ରଫି ପାଇଁ ଖେଳିଥିଲେ। ଅପରାଜିତ ୬୮ ରନ୍ ସହ ପାଂଚଟି ମ୍ୟାଚ୍‌ରୁ ୨୮୩ ରନ୍ ସଂଗ୍ରହ କରି କ୍ରିକେଟ୍ ଦୁନିଆରେ ନିଜସ୍ୱ ପରିଚୟ ତିଆରି କରିଥିଲେ। ସେବେଠୁ ସେ ସଫଳତାର ଶିଡି ଚଢିବା ଆରଂଭ କଲେ। ମଧ୍ୟବିତ ପରିବାରର ମାହି ମାତ୍ର କୋଡିଏ ବର୍ଷ ବୟସରେ ସ୍ପୋର୍ଟ୍ସ କୋଟାରେ ପଶ୍ଚିମବଂଗର ଖଡଗପୁର୍ ରେଲଷ୍ଟେସନ୍‌ରେ ୨୦୦୧ ରୁ ୨୦୦୩ଯାଏଁ ଟି.ଟି.ଇ ଭାବେ ଜୀବନ ଆରଂଭ କରିଥିଲେ। ଏ କିଛି ବର୍ଷର ଚାକିରୀ ଅଭିଜ୍ଞତା ତାଙ୍କୁ ସେତିକି ସନ୍ତୁଷ୍ଟି ଦେଇପାରିଲା ନାହିଁ। କ୍ରିକେଟ୍‌ର ମୋହ ଆଗେ ଏସବୁ ତୁଚ୍ଛ ହୋଇଗଲା। ସେ ପ୍ରମାଣିତ କରିଦେଲେ ତାଙ୍କ ଜୀବନର ପରିସର ବ୍ୟାପକ। ରେଳ ଧାରଣାର ସମାନ୍ତରାଳ ରେଖା ହୋଇ ସେ ଜନ୍ମିନାହାନ୍ତି ..ସେ ଜନ୍ମିଛନ୍ତି ଆକାଶ ଛୁଇଁବାକୁ। ଇତିହାସ ରଚି ଆମ ଦେଶକୁ ବିଶ୍ୱ ଦରବାରରେ ପରିଚିତି ଦେବାକୁ। ଦଶ ହଜାରରୁ ଉର୍ଦ୍ଧ୍ୱ ରନ୍ କରି ଅନେକ ରେକର୍ଡ ରଚିଥିବା ଅଲରାଉଣ୍ଡର୍ ମାହି ଜଣେ ଦକ୍ଷ ଖେଳାଳୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କମ୍ ବଲ୍‌ରେ ମ୍ୟାଚ୍ ଜିତିବାର ସୌଭାଗ୍ୟ ଆଣିପାରୁଥିବା ସାହସୀ ଓ ନିପୁଣ ବ୍ୟାଟ୍ସମ୍ୟାନ୍ ସେ। ଷ୍ଟମ୍ପିଂରେ ମାହିର୍ ମହେନ୍ଦ୍ର ସିଂହ ଧୋନୀ କ୍ରିକେଟ ଜଗତର ଅନନ୍ୟ ବିଶାଳ ପ୍ରତିଭା, ଯାହାଙ୍କୁ ଖେଳ ଓ ବ୍ୟକ୍ତିତ୍ୱରେ ସୀମିତ ରଖିବା କଷ୍ଟକର। କ୍ୟାପଟେନ୍ କୁଲ୍, ମିଷ୍ଟର୍ ଡିପେଣ୍ଡେବ୍ଲ, ମିଷ୍ଟର୍ ନେଭର୍ ଅଣ୍ଡର୍ ପ୍ରେସର୍ ଭାବେ ସେ ପରିଚିତ। ୱିକେଟ୍ ରକ୍ଷକ ଭାବେ ତାଙ୍କ ନାଁ ପ୍ରଥମେ ସଚ୍ଚିନ୍ ତେନ୍ଦୁଲକର ସୁପାରିଶ୍ କରିଥିଲେ ଯାହା ଆମ ଦେଶ ପାଇଁ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା ପରବର୍ତୀ ସମୟରେ। ୯୦ଟି ଟେଷ୍ଟରେ ୪୮୭୬ ରନ୍, ୨୮୬ ଦିନିକିଆରେ ୯୨୭୫ ରନ୍, ୭୬ଟି ଟ୍ୱେଂଟି ଟ୍ୱେଂଟି ମ୍ୟାଚ୍ ଖେଳି ସର୍ବାଧିକ ୧୨୦୯ ରନ୍ କରି ସର୍ବମୋଟ୍ ୧୬ଟି ଶତକ( ଟେଷ୍ଟ-୬ ଓ ଦିନିକିଆ-୧୩ ), ୯୫ଟି ଅର୍ଦ୍ଧ ଶତକ ( ଟେଷ୍ଟ, ଦିନିକିଆ, ଟି. ଟ୍ୱେଂଟି ) ଓ ୧୫୫ଟି ଷ୍ଟମ୍ପିଂ କରିଥିବା ଦକ୍ଷ ଖେଳାଳି। ଏହା ସହିତ ସେ ଦିନିକିଆରେ କୋଡିଏଟି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଛଅଟି ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପାଇ ରେକର୍ଡ ସୃଷ୍ଟି କରିଛନ୍ତି। ୨୦୦୯ ମସିହାରେ ଧୋନୀଙ୍କ ଅଧିନାୟକତ୍ୱରେ ଆମ ଦେଶ ଟେଷ୍ଟ କ୍ରିକେଟ୍ ତାଲିକାରେ ପ୍ରଥମ ସ୍ଥାନ ହାସଲ କରିଥିଲା। ୨୦୧୭ ମସିହାରେ ଶ୍ରୀଲଂକା ବିପକ୍ଷରେ ସେ ପ୍ରଥମ ୱିକେଟ୍ ରକ୍ଷକ ଭାବେ ଶହେଟି ଷ୍ଟମ୍ପିଂ କରିବାର ଗୌରବଲାଭ କରିଥିଲେ। ସେ ଏକମାତ୍ର ଅଧିନାୟକ ଭାବେ ୨୦୦୭ ମସିହାରେ ଟ୍ୱେଂଟି ଟ୍ୱେଂଟି ବିଶ୍ୱକପ୍, ୨୦୧୧ ମସିହାରେ ଦିନିକିଆ ବିଶ୍ୱକପ୍ ଓ ୨୦୧୩ ରେ ଚାମ୍ପିୟନ୍ସ ଟ୍ରଫି ହାସଲ କରିଛନ୍ତି। ଟେଷ୍ଟରେ ୨୨୪ ଓ ଦିନିକିଆରେ ଅପରାଜିତ ୧୮୩ ରନ୍ କରିଥିବା ଜଣେ ଧୂଆଁଧାର୍ ବ୍ୟାଟ୍ସମ୍ୟାନ୍ ସେ। ହେଲିକପ୍ଟର୍ ସଟ୍ ପରି ନିଜସ୍ୱ ଶୈଳୀରେ ଚୌକା, ଛକା ମାରି ଷ୍ଟାଡିୟମ୍‌ରେ ଦର୍ଶକମାନଙ୍କ ଉତ୍କଣ୍ଠାକୁ ବହୁଗୁଣିତ କରୁଥିବା ଅନନ୍ୟ ପ୍ରତିଭା ସଂପନ୍ନ ଖେଳାଳି ହେଉଛନ୍ତି ମହେନ୍ଦ୍ର ସିଂହ ଧୋନୀ।

ବିଭିନ୍ନ ପ୍ରକାରର ପୁରସ୍କାର ସହିତ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର, ପଦ୍ମ ଶ୍ରୀ ଓ ପଦ୍ମ ବିଭୂଷଣ ପୁରସ୍କାର ହାସଲ କରିଛନ୍ତି। ୩୩୨ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ଅଧିନାୟକତ୍ୱ କରିଥିବା ଖେଳାଳି ମହେନ୍ଦ୍ର ସିଂହ ଧୋନୀଙ୍କୁ ଆର୍ମିର ଲିଉଟନାଂଟ୍ କର୍ନେଲ ଭାବେ ସମ୍ମାନ ପ୍ରଦାନ କରାଯାଇଛି। ଲୋକପ୍ରିୟତାର ଶିଖରରେ ପହଂଚିଥିବା ଧୋନୀଙ୍କ ଜୀବନୀକୁ ନେଇ ଦୁଇଟି ଚଳଚ୍ଚିତ୍ର ତିଆରି ହୋଇଛି ଏମ୍. ଏସ୍ ଧୋନୀ ଓ ରୋର୍ ଅଫ୍ ଦ ଲାୟନ୍ ନାମରେ ଯାହାକୁ ତାଙ୍କ ପ୍ରଶଂସକମାନେ ବେଶ୍ ହୃଦୟତାର ସହିତ ଗ୍ରହଣ କରିଛନ୍ତି। ତେବେ ଉଲ୍ଲେଖନୀୟ କଥା ହେଉଛି ଆମ ଦଳ ବର୍ତମାନ ମହେନ୍ଦ୍ର ସିଂହ ଧୋନୀଙ୍କ ପରି ପରିପକ୍ୱତାସଂପନ୍ନ ଖେଳାଳି ସୃଷ୍ଟି କରିବା ପାଇଁ ଚେଷ୍ଟିତ ହେବା ଦରକାର। ଧୋନୀ ନିଜ ଖେଳ ସହିତ ବିଚାରଶୀଳତାରେ ବି ତୀକ୍ଷ୍ଣ ଯାହାଙ୍କର ନିଜ ସାମର୍ଥ୍ୟ ଉପରେ ଥିଲା ଅପାର ବିଶ୍ୱାସ। ଖେଳପଡିଆରେ ବେଶ୍ ଶାନ୍ତ ରହୁଥିବା ଖେଳାଳିଙ୍କ ଉପରେ ଚାପ ବୃଦ୍ଧି ହେବାବେଳେ ବି ତାଙ୍କ ମନଭିତରର ଉତାଳ ତରଙ୍ଗ ଦୃଶ୍ୟମାନ ହେଉନଥିଲା। ଏହା ହିଁ ତାଙ୍କ ଶ୍ରେଷ୍ଠତା। ନିଜ ଉପରେ ରହୁଥିବା ଚାପ, ନିଜ ଖେଳ ଓ ସାଥୀ ଖେଳାଳିଙ୍କ ସହ ଭାରସାମ୍ୟ ରକ୍ଷା କରି ସେ ଦଳକୁ ଜିତାଇବାରେ ଥିଲେ ଅନନ୍ୟ। ଯେଉଁଠାରେ ଅନ୍ୟ ଦେଶର ଅଧିନାୟକମାନେ ବ୍ୟସ୍ତବିବ୍ରତ ହୋଇପଡନ୍ତି ସାମାନ୍ୟ ଚାପଗ୍ରସ୍ତହେଲେ, ସେଠି ମହେନ୍ଦ୍ର ସିଂହ ଧୋନୀ ବେଶ୍ ଶାନ୍ତ, ସ୍ନିଗ୍ଧ ତଥା ହସହସ ମୁହଁରେ ନିଜ ଦଳ ସହ ଛିଡାହୋଇଥିବା ହିମାଳୟ ପରି ବେଶ୍ ଦମ୍ଭ ଓ ନିଷ୍ଠାର ସହ ଲଢୁଥାନ୍ତି ଅସ୍ତିତ୍ୱର ଯୁଦ୍ଧ। ସେ ବ୍ୟବହାରରେ ନୁହେଁ ବରଂ ବିସ୍ଫୋରକ ଖେଳରେ ଦେଖାଇପାରନ୍ତି ନିଜର ପରାକାଷ୍ଠା। ବିପକ୍ଷ ଦଳ ପାଇଁ ଭୟ ସୃଷ୍ଟି କରିପାରନ୍ତି ନିମିଷକେ। ଏଭଳି ଖେଳାଳିଙ୍କ ଅବସର ଗ୍ରହଣ ଦେଶ ପାଇଁ ଝଟ୍‌କା ହୋଇପାରେ। ସମାଲୋଚକଙ୍କ ମୁହଁ ବନ୍ଦ କରି ସେ ଯେଉଁ ପଦକ୍ଷେପ ନେଲେ ତାହା ତାଙ୍କ ପ୍ରଶଂସକମାନଙ୍କ ପାଇଁ ଦୁଃଖଦାୟକ ନିଷ୍ପତ୍ତି। ଦ ସୋ ମଷ୍ଟ ଗୋ ଅନ୍ ନୀତିରେ ଏବେ ଅନ୍ୟମାନଙ୍କ ପାଳି। ତେବେ ଏ ଖାଲିପଣ ଆଗାମୀ ଭବିଷ୍ୟତରେ ପୂରଣ ହେଉ ବୋଲି ସଂଭାବନାଟିଏ ରହୁ। ଦେଶ ପାଇଁ ଗୌରବ ଆଣି ଦେଉଥିବା ଖେଳାଳିମାନଙ୍କୁ ଉଚିତ୍ ସମ୍ମାନ ମିଳୁ କାରଣ ଏହା ସେମାନଙ୍କର ଆଜୀବନ ଜମାପୁଂଜି ଯାହାପାଇଁ ସେମାନେ ଦିନରାତି ଚିନ୍ତାରେ ରହି ଶାରୀରିକ କଷ୍ଟ କରି ନିଜକୁ ଗୋଟେ ଉଚ୍ଚତାରେ ଆଣି ଛିଡା କରେଇପାରିଛନ୍ତି, ଏହା ହିଁ ସେମାନଙ୍କ ସାଧନାର ସିଦ୍ଧି। ଏଭଳି ବ୍ୟକ୍ତିତ୍ୱ ଖୁବ୍ ଶୀଘ୍ର ସୃଷ୍ଟି ହୁଅନ୍ତୁ କ୍ରୀଡାଜଗତରେ। ତାଙ୍କ ଅବସରଗ୍ରହଣ ପରେ ଆଉ ଜଣେ ମହେନ୍ଦ୍ର ସିଂହ ଧୋନୀ ମିଳିବା ହୁଏତ ଅସଂଭବ। କିନ୍ତୁ ପଡିଆରେ ତାଙ୍କ ଉପସ୍ଥିତି ଅନ୍ୟ ସାଥୀ ଖେଳାଳିମାନଙ୍କୁ ଯେଉଁ ସକାରାତ୍ମକ ବାର୍ତା ଦିଏ, ଠିକ୍ ସେହିପରି ପରିପକ୍ୱତା ଅନ୍ୟ ଖେଳାଳିମାନଙ୍କ ଭିତରେ ସୃଷ୍ଟି ହେଉ ଯାହା ଅନ୍ୟମାନଙ୍କ ମନୋବଳ ବୃଦ୍ଧି କରୁ ଏହା ହିଁ କାମନା। ଯାହାକୁ ପଡିଆରେ ଦେଖି ସମସ୍ତେ ଗର୍ବ କରନ୍ତୁ ଯେ ଏ ମୋ ଦଳ, ମୋ ଦେଶ!

( ସମାପ୍ତ )

mousumi.mama7@gmail.co

# ସତ୍‌ସଙ୍ଗର ଆହ୍ୱାନ-ଇଷ୍ଟାନୁକୂଳ ରାଜନୀତି

ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ

ଭାରତର ରାଜନୈତିକ ପୃଷ୍ଠଭୂମିକୁ ଅବଲୋକନ କରି ଯୁଗଗୁରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - (୨୩.୨.୧୯୪୮) ଯାହା କରା ହେଉଛି ବା ହୋଇଛି ତାର ପଛରେ ଯଦି ଆତ୍ମନିବେଦନ ପରାୟଣ ଆଚାର୍ଯ୍ୟ ରହିଥାନ୍ତେ ଏବଂ ତାଙ୍କ ଠାରେ ଯଦି ସମସ୍ତଙ୍କର ଆତ୍ମନିବେଦନ ରହିଥାନ୍ତା କଅଣ ଯେ କାଣ୍ଡ ଘଟିଯାଇଥାନ୍ତା ତାହା ବର୍ଣ୍ଣନା କରି ହେବନାହିଁ। ଧର୍ମ, ଦୀକ୍ଷା, ଗୁରୁଭକ୍ତି, ଆତ୍ମନିୟନ୍ତ୍ରଣ ଓ ସାଧନା ବାଦ୍ ଦେଇ ଯେଉଁ ଆନ୍ଦୋଳନ କରାହେଉନା କାହିଁକି ତାହା ମୂଳକାଟି ଅଗରେ ପାଣି ଢ଼ାଳିବା ସହ ସମାନ। ସେଥିରେ କର୍ମ ଛାଡ଼ି ଅକର୍ମ ବେଶୀ ହୁଏ। ତା ନହୋଇଥିଲେ ଦେଶଟି ଦୁଇ ଭାଗ କାହିଁକି ହେଲା? ଏଥିରେ ହିନ୍ଦୁ ଓ ମୁସଲମାନ ଉଭୟଙ୍କର କ୍ଷତି ହୋଇଛି। ଭାରତବର୍ଷ ଅବିଭକ୍ତ ଓ ସଂହତ ରହିଲେ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତିଟି ନରନାରୀ ବହୁତ ବେଶୀ ସୁଖ ଓ ସମୃଦ୍ଧ ହୋଇଥାନ୍ତେ। ଆଜି ପାରସ୍ପରିକ ଦ୍ୱନ୍ଦ୍ୱରେ ଉଭୟ ଭାରତ ଓ ପାକିସ୍ତାନ ଦୁର୍ବଳ ଓ କ୍ଷତିଗ୍ରସ୍ତ ହେଉଛନ୍ତି ଓ ତାର ସୁଯୋଗ ଗ୍ରହଣ କରୁଛନ୍ତି ଅନ୍ୟରାଷ୍ଟ୍ର। ଆମ୍ଭେମାନେ ହିନ୍ଦୁ, କିନ୍ତୁ ହିନ୍ଦୁତ୍ୱର ମୂଳସ୍ତମ୍ଭ ଗୁଡ଼ିକ ଆମ୍ଭେମାନେ ଜାଣିନାହୁଁ ଓ ମାନୁନାହୁଁ। ଆମ୍ଭମାନଙ୍କର ଉଚିତ ଏକ ଓ ଅଦ୍ୱିତୀୟଙ୍କୁ ମାନି ଚାଲିବା, ପୂର୍ବତନ ଋଷି ମହାପୁରୁଷ ମାନଙ୍କ ପ୍ରତି ନତିସମ୍ପନ୍ନ ହେବା, ପିତୃପୁରୁଷଗଣ ପ୍ରତି ଭକ୍ତି-ଶ୍ରଦ୍ଧା ନେଇ ଚାଲିବା, ବର୍ଣ୍ଣାଶ୍ରମର ସାର୍ବଜନୀନ ବୈଜ୍ଞାନିକ ତାତ୍ପର୍ଯ୍ୟକୁ ବାସ୍ତବରେ ଅନୁସରଣ କରିବା ଅର୍ଥାତ୍ ସହଜାତ ସଂସ୍କାର ଅନୁଯାୟୀ ବୃତ୍ତି ଓ ଶ୍ରେଣୀ ବିନ୍ୟାସ କରିବା ଏବଂ ସର୍ବୋପରି ବୈଶିଷ୍ଟ୍ୟପାଳୀ ଆପୂରୟମାଣ ବର୍ତ୍ତମାନ ମହାପୁରୁଷ ଯିଏ ତାଙ୍କ ପାଖରେ ଶରଣାପନ୍ନ ହେବା। ସମସ୍ତେ ଏହି ନିୟମରେ ଚାଲିଲେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଏକ ମାଆର ସନ୍ତାନ ଭାବି ଚଳିବେ। ସାମ୍ପ୍ରଦାୟିକ ବିରୋଧର ଅବକାଶ ରହେନାହିଁ। ପୂର୍ବତନ ଓ ପରବର୍ତ୍ତୀଙ୍କୁ ମାନିବାର ନୀତି ସବୁ ଧର୍ମଗ୍ରନ୍ଥରେ ମିଳେ। ତେଣୁ ପ୍ରତ୍ୟାୟତ୍ମକ ଭଙ୍ଗୀରେ ଯୁଗ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ମୋର ମନେହୁଏ ଧର୍ମର ଏହି ସାର୍ବଜନୀନ ନୀତିଗୁଡ଼ିକ ସମସ୍ତଙ୍କର ଜାଣିବା ଉଚିତ ଓ ଏଥିରେ ରାଜନୀତି ବା ଶ୍ରେଷ୍ଠନୀତିର ସୁଷ୍ଠୁ ଅନୁଶୀଳନ ବାସ୍ତବରେ ହୁଏ। ଧର୍ମର ଅର୍ଥ ବଞ୍ଚିବା ଓ ବଢ଼ିବା, ଏହି ବୃଦ୍ଧି ବ୍ୟଷ୍ଟିଗତ ଓ ସମଷ୍ଟିଗତ ଭାବେ - ସର୍ବତୋମୁଖୀ ସମ୍ବର୍ଦ୍ଧନାରେ।

ରାଜନୀତିର ମଧ୍ୟ ଲକ୍ଷ୍ୟ ମନୁଷ୍ୟର କଲ୍ୟାଣ। ତେଣୁ ଏହି କଲ୍ୟାଣ ଧର୍ମସମ୍ମତ ହେବା ବାଧ୍ୟ ଓ ବିଧେୟ। ଧର୍ମ ବିରୁଦ୍ଧ ଯାହା ତାହା ପ୍ରକୃତ ପକ୍ଷେ ଜୀବନର ବିରୁଦ୍ଧ ଓ ପ୍ରତିକୂଳ। ତେଣୁ ଧର୍ମ ବାଦ୍ ଦେଇ ଚଳିବା ଅସମ୍ଭବ, ଈଶ୍ୱରପରାୟଣତା ହିଁ ସ୍ୱସ୍ତିର ପଥ। ଯେପରି ଭାବରେ ହେଉ ଏହି ପଥରେ ଚାଲିବାକୁ ପଡ଼ିବ। ସକଳ ସମ୍ପ୍ରଦାୟର ମଧ୍ୟ ଏହି ଏକ ଲକ୍ଷ୍ୟ। ତେଣୁ ସାମ୍ପ୍ରଦାୟିକ ବିଦ୍ୱେଷର ପ୍ରଶ୍ରୟ ନ ଦେଇ ପ୍ରତ୍ୟେକ ଯେପରି ନିଜର ବୈଶିଷ୍ଟ୍ୟ ଅନୁଯାୟୀ ଧର୍ମନିଷ୍ଠ ହୋଇ ଚାଲନ୍ତି ସେହି ବ୍ୟବସ୍ଥା କରିବାକୁହୁଏ। ଜନସାଧାରଣଙ୍କ ମଧ୍ୟରେ ଏହି ସବୁ ଗୁଣ ଗୁଡ଼ିକର ବିକାଶ ନଘଟିଲେ ରାଷ୍ଟ୍ର ନଷ୍ଟ ହୋଇଯିବ। ବିଶେଷ ଭାବରେ ନେତା ଯେଉଁମାନେ ହେବେ ସେମାନେ ପ୍ରକୃଷ୍ଟ ଭାବରେ ନୀତ ହେବା ଆବଶ୍ୟକ, ତା ନହେଲେ ଲୋକ - ପରିଚାଳନାର ଏତେ ବଡ଼ ଦାୟିତ୍ୱ ପାଳନ କରିବା କି ସହଜ କଥା? ଯିଏ ଶ୍ରେୟକୁ ମାନି ଚଳନ୍ତି ଓ ତାଙ୍କର ଅନୁଶାସନକୁ ମାନିନେଇ ନିଜକୁ ନିୟନ୍ତ୍ରିତ କରନ୍ତି, ଲୋକ ତାଙ୍କୁ ନିଶ୍ଚୟ ମାନିବେ। ନେତାମାନେ ଆଦର୍ଶ ଠାରେ ନୀତ ହେଲେ ଉନ୍ନତିର ପଥ ପରିଷ୍କାର ହୁଏ। ଗୁରୁ ରାମଦାସଙ୍କ ଅନୁଗତ ହୋଇ ଛତ୍ରପତି ଶିବାଜୀ ଯେଉଁଭାବେ ରାଜନୀତି ଓ ରାଜ୍ୟ ପରିଚାଳନା କରୁଥିଲେ ତାର କି ତୁଳନା ଅଛି? ଧର୍ମ ଓ ଗୁରୁଙ୍କ ଅନୁଶାସନ ଉପରେ ଦଣ୍ଡାୟମାନ ହେଲେ ଶକ୍ତିବୃଦ୍ଧି ହୁଏ। ଆମ୍ଭମାନଙ୍କୁ ଦେଖିବାକୁ ହେବ ଆମ୍ଭେମାନେ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ମହାପୁରୁଷ ମାନଙ୍କ ପ୍ରଦର୍ଶିତ ପଥରେ ଚାଲୁଛୁ କି ନାହିଁ? ଭଗବାନ ଶ୍ରୀରାମ, ଭଗବାନ ଶ୍ରୀକୃଷ୍ଣ, ଭଗବାନ ବୁଦ୍ଧଦେବ, ଭଗବାନ ଯୀଶୁଖ୍ରୀଷ୍ଟ, ଭଗବାନ ରସୁଲ, ଭଗବାନ ଶ୍ରୀଚୈତନ୍ୟ ଦେବ, ଭଗବାନ ଶ୍ରୀରାମକୃଷ୍ଣ ଓ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଇତ୍ୟାଦି ଅବତାର ମହାପୁରୁଷମାନଙ୍କର ଜୀବନ ଓ ବାଣୀ ମଧ୍ୟରେ ଏକ ଗଭୀର ଏକସୂତ୍ର ସଙ୍ଗତି ଓ ପାରସ୍ପରିକ ସମର୍ଥନର ଅନୁରଣନ ମିଳେ। ଅବତାର ମାନଙ୍କର ଅନୁସୃତ ଧାରା ଅନୁଯାୟୀ ଆମ୍ଭମାନଙ୍କୁ ସବୁ ଦିଗ ଦେଇ ଉତ୍କର୍ଷ ପଥରେ ଚାଲିବାକୁ ହେବ। କଥା ପ୍ରସଙ୍ଗରେ ହିନ୍ଦୁ ମହାସଭାର ନେତା ଏନ୍.ସି. ଚାଟାର୍ଜୀଙ୍କ ସହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋର ମନେହୁଏ ହିନ୍ଦୁ ମହାସଭାର ନାମ ଆର୍ଯ୍ୟମହାସଭା ରଖିଥିଲେ ସେଥିରେ ମୁସଲମାନ ଓ ଖ୍ରୀଷ୍ଟିଆନ ମାନେ ମଧ୍ୟ ସଭ୍ୟ ହୋଇପାରିବେ। ଆର୍ଯ୍ୟମାନଙ୍କର ଅଛି ଋଷି ପରମ୍ପରା ଓ ପିତୃପୁରୁଷଙ୍କୁ ମାନିବାର କଥା। ଏହି ଧାରା ଯଦି ଠିକ୍ ରହେ ତାହାହେଲେ ସାମ୍ପ୍ରଦାୟିକ ସମସ୍ୟା ମୁଣ୍ଡ ଟେକି ପାରେନାହିଁ। ଧର୍ମ ଓ ଆଦର୍ଶର ପ୍ରତିଷ୍ଠା କରିବାକୁ ହୁଏ। ନ ହେଲେ ମନୁଷ୍ୟ ନିୟନ୍ତ୍ରିତ ଓ ସଂହତ ହୁଏନାହିଁ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ପାଥୋଲୋଜି ବିଭାଗ, ପିଆରଏମ୍*
*ମେଡ଼ିକାଲ କଲେଜ, ବାରିପଦା*
*ଦୂରଭାଷ : ୯୪୩୮୩୬୯୫୪୯*





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ତେଜ : -**

ଆଉ ମଧ୍ୟ କହିଥିଲେ ତୁମେ ତୁମ ପେଶାଦାର ଚାକିରୀ ଛାଡି ଏଠାକୁ ଆସିଛ କେହି ଯଦି ଗୋଡ ତଳେ ପଡି ତୁମକୁ ଫେରି ଯିବା ପାଇଁ କୁହନ୍ତି ତେବେ ବି ତୁମେ ହିମାଳୟ ପରି ଅଟଳ ରହିବ। ସେହିଦିନଠାରୁ ପୂଜ୍ୟ ସ୍ୱାମିଜୀ କୃଷ୍ଣାନନ୍ଦଜୀ ପୁରା ଜୀବନ ସେଠାରେ ବିତାଇଥିଲେ। ଦୁନିଆର ଅନେକ ଗଣ୍ୟମାନ୍ୟ ବିଦ୍ୱାନ ତାଙ୍କ ଚରଣ ତଳେ ବସୁଥିଲେ। କାରଣ ତାଙ୍କ ଭିତରେ ଜ୍ଞାନର, ସତଚରିତ୍ରର, ବ୍ରହ୍ମଜ୍ଞାନର, ଆତ୍ମଜ୍ଞାନର, ପବିତ୍ରତାର ତେଜ ସମସ୍ତଙ୍କୁ ଆକର୍ଷିତ କରୁଥିଲା।

ତେଜସ୍ୱୀ ମଣିଷ ଅହଂକାର ଶୂନ୍ୟ, କରୁଣାସାଗର, ଉଦାରତାର ମହାସାଗର ଓ ପବିତ୍ରତାର ପ୍ରତିମୂର୍ତ୍ତି ହୋଇଥାନ୍ତି। ଯେବେ ମନରେ ଈଶ୍ୱରଙ୍କ ପ୍ରତି ସମ୍ପୂର୍ଣ୍ଣ ଶରଣାଗତି ଆସେ ହେ ନାଥ! ମୁଁ ତୋର, ତୁ ମୋର ଓ ମୁଁ ତୋ ଇଚ୍ଛାର ଦାସ ଏପରି ଭାବନା ଆସେ ତେବେ ଈଶ୍ୱରଙ୍କ କୃପାରେ ନିଜର ସ୍ୱରୂପର ଦର୍ଶନ ହୋଇଥାଏ ଓ ଆକସ୍ମିତ ତେଜର ପ୍ରାକଟ୍ୟ ହୋଇଥାଏ।

**କ୍ଷମା :-**

ଯେବେ କ୍ଷମା ଉପରେ କିଛି କହିବାକୁ ଯିବା କିମ୍ବା ଚିନ୍ତା କରିବା ତେବେ ସର୍ବୋତ୍ତମ ଉଦାହରଣ ନାରାୟଣ ବିଷ୍ଣୁଙ୍କର ମନକୁ ଆସେ। ଭାଗବତରେ ଏକ ରୋଚକ କଥାଟିଏ ରହିଛି। ଥରେ ଋଷିମାନଙ୍କ ଭିତରେ ଆଲୋଚନା ହେଲା ତ୍ରିଦେବ ମାନଙ୍କ ଭିତରେ ସର୍ବୋପରି କିଏ? ନିର୍ଣ୍ଣୟ କରିବାର ଦାୟିତ୍ୱ ଭୃଗୁଋଷିଙ୍କୁ ଦିଆଗଲା। ପ୍ରଥମେ ଭୃଗୁଋଷି କୈଳାସ ଗଲେ। ତାଙ୍କୁ ଦେଖି ଭଗବାନ ଶିବ ଖୁସି ହୋଇ ସ୍ୱାଗତ କରିବାକୁ ଦୌଡିଲେ। ପରନ୍ତୁ ଋଷି କହିଲେ ତିନି ଲୋକ ଓ ବେଦର ଉଲ୍ଲଘଂନ କରିବା ବାଲା ମୋ ଠାରୁ ଦୂରେଇ ରୁହ। ଏ କଥା ଶୁଣି ଶିବ ପ୍ରଭୁ କ୍ରୋଧିତ ହୋଇ ଗଲେ ଏବଂ ତ୍ରିଶୂଳ ଉଠାଇ ଆଗକୁ ବଢୁଥିଲେ, ସତୀ ତାଙ୍କୁ ବଡ ମୁସ୍କିଲରେ ଶାନ୍ତ କଲେ।

କୈଳାସରୁ ବାହାରି ଭୃଗୁଋଷି ବ୍ରହ୍ମାଙ୍କ ପାଖରେ ପହଞ୍ଚିଲେ। ବ୍ରହ୍ମା ବଡ ଖୁସିରେ ମୋ ପୁଅ ଆସିଛି କହି ଗଦ ଗଦ ହୋଇଗଲେ। ମାତ୍ର ଭୃଗୁଋଷି ଖାତିର ନକରି ତାଙ୍କ ସ୍ତୁତି ନ କରିବାରୁ ସେ ଦୁଃଖି ହୋଇ ଗଲେ। ଶେଷର ଭୃଗୁଋଷି ବୈକୁଣ୍ଠରେ ପହଞ୍ଚିଲେ। ସେଠାରେ ବିଷ୍ଣୁ ଭଗବାନ ଜଗତ ମାତା ମହାଲକ୍ଷ୍ମୀଙ୍କ କୋଳରେ ମୁଣ୍ଡ ରଖି ଶୋଇଥାନ୍ତି। ଋଷି ରାଗିଯାଇ ବିଷ୍ଣୁଙ୍କର ବକ୍ଷରେ ପଦ ପ୍ରହାର କଲେ। ପ୍ରହାରର ପ୍ରତ୍ୟୁତ୍ତରରେ ଭଗବାନ ବିଷ୍ଣୁ କହିଲେ, "ହେ ପ୍ରଭୁ! ଯଦି ଆପଣ ଆଗମନର ପୂର୍ବ ସୂଚନା ଦେଇଥାନ୍ତେ ତେବେ ନିଶ୍ଚୟ ଦ୍ୱାରରୁ ପାଛୋଟି ନେବା ପାଇଁ ଛିଡା ହୋଇଥାନ୍ତି। ବିରାଜମାନ କରନ୍ତୁ ମୁନୀ। ମୋର ଅପରାଧ ହୋଇଥିଲେ କ୍ଷମା ପ୍ରଦାନ କରନ୍ତୁ।

(କ୍ରମଶଃ)

ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।



କ୍ଷୀରୋଦ ଦାସ

ଭାଗ-୨୨

# ସମ୍ପର୍କର ସୂତା ଖିଅ

ଦିନକୁ ଦିନ ପେଟ ରୋଗ କୋରି ଖାଇଯାଉଥିଲା ବାପାଙ୍କୁ। ବାପା କିନ୍ତୁ ତିନିପ୍ରାଣୀ ପରିବାରର ବୋଝକୁ ମୁଣ୍ଡାଇ ଚାଲିଥାନ୍ତି ଦେହ ଯନ୍ତ୍ରଣାକୁ ଖାତିରନ କରି।

ଏଡିକି ବକଟେ ହୋଇଥିଲା ସେ। କାଳିଆ କିଟ୍ କିଟ୍ ସରୁଆ ଡାଙ୍ଗ ପରି। ସ୍କୁଲକୁ ଯିବା ସମୟରେ ବାଟରେ ପଡେ ଗୋଟେ ଘାଇ। ପୁଅର ଗୋଡ କାଳେ ଖସିଯିବ, ବାପା ତାକୁ କାନ୍ଧରେ ବସାଇ ନେଇ ଛାଡି ଆସନ୍ତି ସ୍କୁଲରେ। ବୃନ୍ଦାବନ ସାର୍‌ଙ୍କୁ ପ୍ରଣାମ କରି କହିଆସନ୍ତି ପୁଅକୁ ଟିକେ ନଜର ରଖିବାକୁ। ସେଇ ବୃନ୍ଦାବନ ସାର୍‌ଙ୍କ ଯୋଗୁ ସେ ଆଜି ଏବେ ବୋଲି ଜାଣ।

ତା'ରି ଯୋଗୁଁ ଷଷ୍ଠ ଶ୍ରେଣୀରୁ ପାଠପଢ଼ା ବନ୍ଦ ହେଲା ମାମିନା ଅପାର। ଦି'ଦି ଜଣ ପିଲାଙ୍କୁ ପାଠ ପଢ଼ାଇବାର ଦମ୍ଭ ନଥିଲା ବାପାଙ୍କ ପାଖରେ। ଯେଉଁଦିନ ଅପାର ପାଠପଢ଼ାରେ ଡୋରି ବାନ୍ଧିହେଲା, ସେଇ ଦି'ଚାରିଦିନ ନ ଖାଇ ନପିଇ ଏଡେ ମୁହଁ କରି ସେ ଚୁପ୍‌ଚାପ୍ ଶୋଇଲା।

ବୋଉ ଅପାକୁ ବୁଝାଇବାକୁ ଯାଇ କହୁଥିଲା- "କେଡେ ବେଅକଲୀ ଟୋକୀଟା କିଲୋ ତୁ? ସିଏ ପୁଅ, ତୁ ଝିଅ। ଆଜି ଅଛୁ, କାଲି ପରଘରକୁ ପଳେଇବୁ। ମୋ ପୁଅ ପାଠପଢ଼ି ଚାକିରି ବାକିରି କଲେ ସିନା ମତେ ପୋଷିବ? ନା ତୁ ପୋଷିବୁ ବା?

ଯେଉଁ ପୁଅ ପୁଇଁ ରକ୍ତକୁ ପାଣି କରି ଖଟିଛନ୍ତି, ପରିବାର ପ୍ରତିପୋଷଣର ସର୍ବଶେଷ ପାଥେୟ ଜମି ଚାରିଗୁଣ୍ଠୁକୁ ଅଦର ଦରରେ ନଟଦାସର ଭୋକିଲା ହାତ ପାଖକୁ ଟେକି ଦେଇଛନ୍ତି, ସେହି ପୁଅ ଏ ପର୍ଯ୍ୟନ୍ତ କ'ଣ କରିଛି ତାଙ୍କ ପାଇଁ? ତାଙ୍କ ଯନ୍ତ୍ରଣା ଜର୍ଜରିତ ପେଟ ପାଇଁ ଯୋଗାଇ ପାରିଛି କି ଟୋପାଏ ଔଷଧ? ଭରସା ଟିକିଏ ଦେଇପାରିଛି କି ଆସ୍ତେ ଆସ୍ତେ ଭୁଷୁଡି ପଡୁଥିବା ବୋଉର ହାହାକାରମୟ ମନକୁ? ପୋଛି ଦେଇ ପାରିଛି କି ବଡ ଭଉଣୀ ଆଖିର ତତଲା ଲୁହ କେଇବୁନ୍ଦା?

ତେବେ ଏତେ ବିଶାଳ ଏ ପୃଥିବୀରେ ତା'ର ସ୍ଥିତି କ'ଣ? କେଉଁ ଉଦ୍ଦେଶ୍ୟରେ ଭଗବାନ ସୃଷ୍ଟି କରିଛନ୍ତି ତା' ପରି ଜଣେ ମଣିଷକୁ?

ଓଏଟି ସେମାନଙ୍କର ମନରେ, ଆତ୍ମାରେ ଆଘାତ ହାଣି, ସେମାନଙ୍କ ରୁଚି, ଅରୁଚି ପ୍ରତି ତିଳେମାତ୍ର ଭ୍ରୂକ୍ଷେପ ନକରି ଯେଉଁ ନିଷ୍ପତ୍ତି ସେ ନେଇଛି ସେଥିରେ ତା' ପୁତ୍ର କର୍ତ୍ତବ୍ୟ କେତେ ପରିମାଣରେ ସଚ୍ଚୋଟ, କେତେ ବିଶ୍ୱସ୍ତ, ସେକଥା ନ କହିବା ଭଲ।

ଦାଣ୍ଡଦୁଆର ପାଖରେ ପହଞ୍ଚି ଅଟକିଗଲା ସୁରେନ୍ଦ୍ର। ଶକ୍ତିଶାଳୀ ଧକ୍‌କାଟେ କିଏ ଯେପରି ପକାଇଲା ତାକୁ। ପାଦ ପାଖରୁ ଉଠି ଆସୁଥିବା ମେଞ୍ଚେ ହେମାଳ କମ୍ପ। ନିର୍ବାକ ପଥର ମୂର୍ତ୍ତିଟିଏ ପରି ବୋଉ ବସିଥିଲା ପିଣ୍ଡାରେ, ଖୁଣ୍ଟକୁ ଆଉଜି। ଏକଦା ମଣିବନ୍ଧଠାରୁ କହୁଣୀଯାଏ ପାଣିକାଚ ପିନ୍ଧିଥିବା ତା ହାତ ଦେଖାଯାଉଥିଲା ଲଙ୍ଗଳା, ଲକ୍ଷ୍ମୀଛଡ଼ା। ମଥାର ନାଲି ଟୁକ୍ ଟୁକ୍ କଅଁଳିଆ ସୂର୍ଯ୍ୟ ଅସ୍ତ ହୋଇଯାଇ ଅନନ୍ତ ଅନ୍ଧକାର ଭିତରେ ଡୁବେଇ ଦେଇଥିଲା ସାରା ସଂସାର।

ଭିତରୁ ଉଠି ଆସୁଥିବା ଉଦ୍‌ଗତ କୋହକୁ ଚାପି ରଖିବାର ବ୍ୟର୍ଥ ଉଦ୍ୟମ କରୁ କରୁ କମ୍ପିତ ଗଳାରେ ସୁରେନ୍ଦ୍ର ଡାକିଲା - "ବୋଉ!"

ପ୍ରଥମେ ବୋଉର ଦୁଇ ଆଖିପତା ଓ ଓଠ ସ୍ପନ୍ଦିତ ହେଲା। ପରେ ପରେ ଦୁର୍ବଳ ଓଠ ଦୁଇଟା ଆଉ ସମ୍ଭାଳି ପାରିଲା ନାଇଁ ହୃଦୟ ଭିତରୁ ହାବୁକାମାରି ଉଠି ଆସୁଥିବା ଅଣାୟତ୍ତ କୋହକୁ।

ସୁରେନ୍ଦ୍ର କୁଣ୍ଢାଇ ପକାଇଲା ବୋଉକୁ। ତା'ପରେ ଶୁଭିଲା ମା, ପୁଅ, ଝିଅଙ୍କ ବୁକୁଫଟା କାନ୍ଦଣା। ସେ କାନ୍ଦଣାର ଶୋକାର୍ତ୍ତ ସ୍ରୋତ ଭିତରେ ଭାସି ଯାଉଥିଲା ସାରା ଦୁନିଆ।

ତା'ପର ଦିନକୁ ବୋଉ ଟିକେ ପ୍ରକୃତିସ୍ଥ ହେବା ପରେ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲା ସୁରେନ୍ଦ୍ରକୁ। ସେ ଚାହାଣିରେ ପ୍ରଶ୍ନ ଥିଲା - ବୋହୂ କାଇଁ?

ସୁରେନ୍ଦ୍ର କହିଲା - ବାପାଙ୍କର ଶୁଦ୍ଧିକ୍ରିୟା ମୁଁ ଏକା କରିପାରିବି ବୋଉ! ବୋହୂ ନ ଆସିଲେ ଚଳିବନି?

ପୁଅର ଥମ୍‌ଥମ୍ ମୁହଁକୁ ଚାହିଁ ବୋଉ ଅଧିକ କିଛି କହିଲାନି। କାନ୍ଦିଲା। ଛ'ଦିନ ବୋଉ ପଚାରିଲା - ସୁରରେ, ଟଙ୍କା ପଇସା କ'ଣ ଆଣିଛୁ? ଆଉ ଚାରିଦିନ ପରେ କାମ!

ଚାରିଶହ ପଞ୍ଚାବନ ଟଙ୍କାଥିଲା ସୁରେନ୍ଦ୍ର ପକେଟରେ। ତା'ପରଦିନ ସକାଳୁ ସକାଳୁ ବାହାରିଗଲା କଟକ। ମେଡିସିନ୍ ଷ୍ଟୋର ମାଲିକକୁ ସବୁ କଥାକ ହିବା ପରେ ଟଙ୍କା ଦେଢ଼ ହଜାର ତା' ହାତକୁ ବଢ଼ାଇ ଦେଇ ମାଲିକ କହିଲେ- ଶୁଦ୍ଧିଘର ପରଦିନ ଚାଲି ଆସିବ। ଦୋକାନରେ ଭାରି ଅସୁବିଧା।

ବାପାଙ୍କ ମୃତ୍ୟୁ ଖବର ମମତାକୁ ଜଣାଇଦେବା ଉଚିତ୍! -ମନେ ମନେ ଏକଥା ଭାବି ସେ ବସା ଘରେ ପହଞ୍ଚିବା ପରେ ଦେଖିଲା କବାଟରେ ତାଲା ଘୁଲୁଛି। କୁଆଡେ ଗଲା ମମତା? ସୁରେନ୍ଦ୍ର ଦି'ଘଣ୍ଟା ଅପେକ୍ଷା କଲା, ଅଧୈର୍ଯ୍ୟ ହେଲା ଏବଂ ଫେରି ଆସିଲା। ପ୍ରଦୀପର ଘରକୁ ଯାଇ ଶୁଣିଲା ଯେ ଦି'ଦିନ ହେଲାଣି ବ୍ୟବସାୟ କାମରେ ସେ ଦିଲ୍ଲୀ ଯାଇଛି, ସେଠୁ ମାଡ୍ରାସ। ଫେରୁ ଫେରୁ ଦେଢ଼ମାସ ଲାଗିଯାଇପାରେ।

ରାତି ସାଢ଼େ ଆଠଟାରେ ସୁରେନ୍ଦ୍ର ଯେତେବେଳେ ଗାଁ'ରେ ପହଞ୍ଚିଲା, ତା' ଦେହ ଭାଙ୍ଗିପଡୁଥିଲା ପ୍ରଚଣ୍ଡ କ୍ଳାନ୍ତିରେ। ଆଖି ଉପରକୁ ଘୋଡି ଆସୁଥିଲା ପ୍ରବଳ ନିଦ। କାହାରିକୁ କିଛି ନ କହି, ପାଣି ଗ୍ଲାସଟେ ପିଇଦେଇ ସେ ଚୁପ୍ ଚାପ୍ ଶୋଇପଡିଲା।

ତା'ପରଦିନ ସକାଳ। ଦାଣ୍ଡ ଘରର ବସିଥିଲେ ନଟଦାସ ଓ ନକୁଳ ପଧାନ। କ'ଣ ଗୋଟାଏ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତାରେ ମଗ୍ନ ଥିବା ବେଳେ ସୁରେନ୍ଦ୍ର ଯାଇ ପହଞ୍ଚିଲା ସେ'ଠି। ତାକୁ ଦେଖି ନଟଦାସ ହସି ହସି କହିଲେ- ଆ, ସୁରେନ୍ଦ୍ର। ବସ୍। ମୁଁ ତତେହିଁ ଖୋଜୁଥିଲି ମନେମନେ।

ଅବୁଝା ଆଖିରେ ସୁରେନ୍ଦ୍ର ଚାହିଁଲା ତାଙ୍କୁ। ବସିଲା ପାଖରେ ପଡିଥିବା ଚେୟାରରେ ଏବଂ ବସୁ ବସୁ ଲକ୍ଷ୍ୟକଲା ନଟଦାସଙ୍କ ବାମହାତରେ ତା'ଗୋଲଡେନ୍ ଫ୍ରେମର ଘଣ୍ଟାଟି ଶୋଭପାଉଛି।

ମୁହଁରେ ଜବରଦସ୍ତ ଦୁଃଖ ମେଞ୍ଚାଏ ଫୁଟାଇ ନକୁଳ ଅଜା କହିଲା- ବାପ ସୁର, ବୁଢ଼ା ତା'ବାଟରେ ଟିକେଟ୍ କାଟିଲା। ଜୀବନ ହାଟରୁ ତା' ସୌଦା ସରିଗଲା, ସେ ବାହୁଡିଲା। ଆଉ ମନ ଉଣା କଲେ ବାପା କ'ଣ ଲେଉଟି ଆସିବ! ଶୁଦ୍ଧିକ୍ରିୟା କେମିତି କ'ଣ କରିବୁ ବୋଲି ଭାବିଛୁ?

ତଳୁ ମୁଣ୍ଡ ଉଠାଇ ସୁରେନ୍ଦ୍ର କହିଲା, "ମୁଁ ସେଇ ବିଷୟରେ କଥା ହେବା ପାଇଁ ଆସିଥିଲି ବଡବାପାଙ୍କ ପାଖକୁ।"

'କିରେ ନଟ! - ପିଲାଟା କଥା କ'ଣ ବୁଝୁନୁ? -ନଟଦାସଙ୍କୁ ଅନାଇ କହିଲା ନକୁଳ ଅଜା।

କେଉଁ କଥା? -ନଟଦାସ ପଚାରିଲେ।

ସୁରେନ୍ଦ୍ର କହିଲା - ବଡ଼ବାପା, ମତେ ଟଙ୍କା ତିନିହଜାର ଦେଇଥାଅ କରଜରେ। ବାପାଙ୍କ କାମ ପାଇଁ ହାତରେ ଆଦୌ ପଇସା ନାଇଁ...।"

ନଟଦାସ ଚୁପ୍‌ଚାପ୍ ବସିଲେ। ଯେମିତି ସୁରେନ୍ଦ୍ରର ଏକଥା ଜମା ସେ ଶୁଣିନାହାନ୍ତି!

'କିରେ ନଟ! କ'ଣ କହୁନୁ ତାକୁ? - ନକୁଳ ଅଜା କହିଲା।

'ଦାଦି!' -ନଟଦାସ ମୁହଁ ଖୋଲିଲେ- "ତମେ ତ ଜାଣିଛ ସନିଆଟା ମୋର ଭାରି ପ୍ରିୟ ଥିଲା। ଭାରି ଭଲ ମଣିଷଟେ ଏକା। କୋଉଦିନ କୋଉ କଥାକୁ ମୋର ସେ ତଳେ ପକାଇ ଦେଇନି। ଏଇ ସୁରର ପଢ଼ାଖର୍ଚ୍ଚ ପାଇଁ ଆଜି ପଚାଶ କାଲି ଶହେ କରି ସେ ପାଖାପାଖି ଦେଢ଼ ହଜାର ଟଙ୍କା ନେଇଛି ମାଗିକରି ମୋ ଠାରୁ। ଖାତା ଯଦି ଦେଖିବା ମୁଁ ତାରିଖ ଦେଖାଇଦେବି। ତାକୁ ଆଉ ଟଙ୍କା ଦେବି କ'ଣ? ସେ ଦେଢ଼ହଜାର ଟଙ୍କା ଏମେ ମୋର ଭାରି ଦରକାର। ତମ ବୋହୂ ଦେହଟା ଏଇ କେତେଦିନ ହେଲାରି ଜମା ଭଲ ରହୁନି। ଟଙ୍କା ହେଲେ ତାକୁ ଟିକେ ନେଇ କଟକ ବଡ ମେଡିକାଲରେ ଦେଖେଇ ଆଣିବି।

(କ୍ରମଶଃ)

# ଆକାଶର ଛାଇ

ବିନୟ ଭୂଷଣ ପାଣିଗ୍ରାହୀ



(ପୂର୍ବପ୍ରକାଶ ଉତ୍ତାରୁ)

ମାଗୁଣି ଆଉ କିଛି କହିବା ଆଗରୁ ରୁଗା କହିଲା, "ତମେ କାହିଁ ଅଯଥାରେ ବ୍ୟସ୍ତ ହେଉଛ କହିଲ ବାପା, ତୁମକୁ ଏଠି ଏକା ଛାଡିଦେଇ ମୁଁ ମିନିକୁ ସାଙ୍ଗରେ ନେଇ ଯାଇପାରିବି ବୋଲି ତମେ କେମିତି ଭାବୁଛ ଯେ! ମୋ କଥା ବିଶ୍ୱାସ ହେଉନାହିଁ ଯଦି ତମେ ନିଜେ ତମ ବୋହୂକୁ ପଚାରୁନ। ତା'ପରେ ବିଭାଘର ଦି'ମାସ ନପୁରୁଣୁ ଅଶିବର୍ଷର ବାପାକୁ ଘରେ ଏକୁଟିଆ ଛାଡି ବୋହୂକୁ ସାଥିରେ ନେଇ ବିଦେଶକୁ ଚାଲିଗଲେ ଲୋକେ କଣ କହିବେ ନ କହିବେ ପର କଥା ଆମେ ସେଠି ସୁଖରେ ରହିପାରିବୁ ବୋଲି କେମିତି ଭାବୁଛ ତବେ? କିଛି ବନ୍ଧାବନ୍ଧି କରିବା ଦରକାର ନାହିଁ ବାପା, ମୁଁ ଏକୁଟିଆ ଯିବି ଆଉ ମିନି ରହିଲା ତମର ଦେଖାଶୁଣା କରିବ।"

ମିନି ମଧ୍ୟ ମାଗୁଣି ପାଖକୁ ଆସି କହିଲା, "ନାଇଁ ବାପା, ତମେ ଜମା ସେମିତି କୁହନା। ଏ ବୟସରେ ତମେ ଏଠି ଏକୁଟିଆ ରହି ହାତରେ ରାନ୍ଧିବାଡି ଖାଇବ ଆଉ ବୋହୂ ହେଇ ମୁଁ ଯାଇ ବିଦେଶରେ ସୁଖ କରିବି? ଲୋକେ କଣ କହିବେ। କିଏ କଣ କହିବ ନ କହିବ ସେ କଥା ଛାଡ, ଆଜି ଦେହପା ଭଲମନ୍ଦ କିଛି ହେଲେ ଆହା ବୋଲି କହି ଗୋଡରେ ହାତରେ ହାତ ଟିକେ ବୁଲେଇ ଆଣିବାକୁ କିଏ ଅଛି କହିଲ।

"ଆମେ ତମେ ଦୁହେଁ କ'ର ବାଇଆ-ପାଗେଳାଙ୍କ ଭଳିଆ ଏମିତି ହଉଛ କହିଲ। ମୁଁ କଣ ଛୋଟିଆ ପିଲାଯେ ହେଉଛି ଯେ ମୋତେ ବୋହୂମା ନ ଜଗିଲେ ମୁଁ କୁଆଡେ ହଜିଯିବି ନା ମୁଠାଏ ଚାଉଳ ଶିଝେଇ ନ ଖାଇ ଉପାସ ରହିଯିବି। ମୋ' କଥା ଛାଡି ତୋ ନିଜ ମୁହଁଦିହକୁ ଟିକେ ଦର୍ପଣରେ ଦେଖିଲୁ ବାବା, ଥିଲା କ'ଣ ଆଉ ହୋଟେଲରେ ଖାଇଖାଇ ହେଇଛି କଣ। ତମ ଦିହିଙ୍କ ଛଡା ଆଉକିଏ ଅଛି ମୋର କହିଲୁ। ତମେ ଦୁହେଁ ସୁଖର ସଂସାର କର ସେତିକି ଦେଖି ମୋର ସବୁ ଦୁଃଖ ଦୂରହେଇଯିବ।" କାନ୍ଦାକନ୍ଦ ହେଇ ମାଗୁଣି କହିଲା।

ରୁଗା ଆଉ କଣ ଗୋଟେ କହିବ କହିବ ହେଉଥିଲା। ମାତ୍ର ପାଟି ଖୋଲିବା ଆଗରୁ ତା'ମୁହଁରେ ହାତ ଦେଇ ମାଗୁଣି କହିଲା, "ମୋ ରାଣ ରୁଗା, ଜମାରୁ ଅବୁଝା ହଅନା, ଯା ବାପା, ମୁଁ ଯାହା କହିଲି ସେମିତି କରେ।"

ଗୁରୁ-ଗୁରୁଜନ ମାନଙ୍କ ରାଣ ନିୟମରେ ଏମିତି ଏକ ଅକୁହା ଆକଟ ଓ ବାଧବାଧକତା ଥାଏ ଯାହା ଆଗରେ ଦୁନିଆର ଯେକୌଣସି ଯୁକ୍ତି ସ୍ଖଳିତ ବାଳିକଣା ଠାରୁ ଆହୁରି ଦୁର୍ବଳ ହେଇଯାଏ ଆଖି ପିଛୁଡାକେ। ରୁଗା ଆଉ କିଛି ନ କହି କେମିତି ଏକ ସଂଜ୍ଞା ବିହୀନ ବିଚିତ୍ର ଧରଣର ବିବଶତାକୁ ମୁଣ୍ଡରେ ଲଦି କୋଠରୀ ଆଡକୁ ପାଦ ବଢ଼େଇଲା।

ସୁରତ ଯିବା ପରଠାରୁ ରୁଗା ବର୍ଷକୁ ଦୁଇଥର ଆସେ। ଥରେ ଚୈତ୍ର ଶେଷ ସରିକି ଆଉଥରେ ଦଶରା ବେଳକୁ। ଚୈତ୍ର ମାସରେ ପୁରା ମାସେ ଛୁଟିନେଇ ଆସେ ଆଉ ଦଶରା ବେଳକୁ ହପ୍ତାଏ-ଦଶଦିନ ପାଇଁ। ଚୈତ୍ର ମାସରେ ଆସେ କେବଳ ମାଗୁଣିକୁ ଛତ୍ର କାମରେ ସହଯୋଗ କରିବା ସହ ଘର ଛାଉଣି କରେଇ ଦେଇ ଯିବା ପାଇଁ। ସକାଳ ସାତଟା ସୁଦ୍ଧା ଚାଳିଆ ପାଖରେ ପଣା ସାଜ ସରଞ୍ଜାମ ଆଣି ଯୋଗାଡଯନ୍ତ୍ର କରିଦେଇ ଘରକୁ ପଳେଇ ଯାଏ। ଘରବାଡି କାମଦାମ ଦେଖିବା ସହିତ ରୋଷେଇବାସ କରି, ନିଜେ ଖାଇପିଇ ସାରି ମାଗୁଣି ପାଇଁ ଖାଇବା ନେଇକରି ଆସେ। ମାଗୁଣି ଖାଇସାରିବା ପର୍ଯ୍ୟନ୍ତ ଚାଳିଆରେ ବସି ଛତର ସମ୍ଭାଳେ ଏବଂ ବାପା ଖାଇସାରିଲେ ଅଇଁଠା ବାସନ ତକ ଥଳିଆରେ ଭରି ଘରକୁ ଫେରିଯାଏ ଘଡିଏ ବିଶ୍ରାମ ନିଏ। ପୁଣି ସୁରୁଜ ବୁଡିଲା ବୁଡିଲା ବେଳକୁ ଯାଇ ହାଜର ହେଇଯାଏ ବରଗଛ ମୂଳେ। ସେତେବେଳକୁ ଦିଇଟା ଯାକ ହାଣ୍ଡି ଖାଲି ହେଇସାରିଥାଏ। ପୁଅ ଶିକାରେ ହାଣ୍ଡି-ମାଠିଆ ତକ ରଖି କାନ୍ଧ ଉପରକୁ ବାହୁଙ୍ଗି ଉଠେଇ ନେଇ ଘରମୁହାଁ ହେଲେ ପଛେ ପଛେ ଚାଲୁଚାଲୁ ମାଗୁଣି କହେ, ବୁଝିଲୁ ବାପ, ଆଜି ଯୋଉ ଖରା ହେଉଥିଲା ଆଉ ବିଚରା ଲୋକମାନେ ଯେମିତି ଶୋଷରେ ଥିଲେ ଆହୁରି ହାଣ୍ଡିଏ ପଣା ଦରକାର କରୁଥିଲା। ଲୋକେ ଶେଷରେ ଖାଲି ପାଣି ପିଇଗଲେ।"


(କ୍ରମଶଃ)



ନିର୍ବାଚିତ କବିତା

# ଆରଥରକୁ

ବଂଶୀଧର ଷଡଙ୍ଗୀ



କେତେ ବେଗି ସଜିବାବୁ
ଫୁଲମାଳ ପକା ଫଟୋରେ
ପରିଣତ ହେଇଗଲେ
ଜାଣି ହେଲାନି
ଏବେ ବଞ୍ଚିଥିବା ପ୍ରମାଣ ପତ୍ର ଦେବାକୁ
ତାଙ୍କୁ ଛାଡି ମତେ ଏକା ହିଁ ଯିବାକୁ ପଡିବ।
ଏଣିକି ତାଙ୍କର ପୁଅଝିଅ
ଏବଂ ସେମାନଙ୍କ ମାଆ
ସବୁଦିନ ସେଇ ଫଟୋକୁ ଦେଖି
ନିଜକୁ ସାନ୍ତ୍ୱନା ଦେବା ବ୍ୟତୀତ
ଆଉ କିଛି କରିବାର ନାଇଁ।
କେତେ ଶୀଘ୍ର କୋଉ ଶୂନ୍ୟକୁ
କୋଉ ଉର୍ଦ୍ଧ୍ୱ ଲୋକକୁ
କି କୋଉ ଶବ୍ଦ ଭିତରକୁ ଚାଲିଗଲେ ସେ
ଯୋଉଠି ଅକଳିତ ସେଇ ରୂପ
ଗୋରେଖଙ୍କ ପ୍ରଶ୍ନର ବୋଧହୁଏ
ମଛିନ୍ଦ୍ରଙ୍କ ଉତ୍ତର ଯଥାର୍ଥ ମନେହୁଏ।



ସେ ଏବେ ଅନ୍ୟ ଲୋକର ବାଟୋଇ
ମନେ ହେଉଚି ସେ ଯେମିତି
ପବନକୁ ଭରା ଦେଇ
ଧୀରେ ଧୀରେ
ଆକାଶର ସ୍ତର ଅତିକ୍ରମ କରି
ଉର୍ଦ୍ଧ୍ୱକୁ ଉଠିବାରେ ଲାଗି ପଡିଚନ୍ତି
ସବୁ ମୋହମାୟା ନିବିଡି ସମ୍ପର୍କ
ଆପେ ଆପେ ରହିଯାଉଚି ନିମ୍ନରେ।
ଯେତେ ଯାହା ହଉପଛେ
ତୁମେ କଣ ତୁମର ସିନେମା ଥିଏଟର
ଅଭିନୟ ସଂସାରକୁ ଛାଡି
କୋଉଠି ହେଲେ ରହିପାରିବ କି
ମୁଁ ବି ସେମିତି କବିତାକୁ ଛାଡ଼ି
ରହିପାରିବିନି
ତେବେ କଥା ହେଲା
ଆମେ ପରସ୍ପରକୁ ଚିହ୍ନିପାରିବାଟି
ଆରଥରକୁ।


ଗୁହାଳପଡା, ନିମାପଡା, ପୁରୀ

# କରୋନା ଡର



ଅକ୍ଷୟ କୁମାର ସାହୁ

କରୋନା ଭୂତାଣୁ ଡରେ ଲିଙ୍ଗରାଜ
ବୃଷଭ ବାହାନେ ଚଢ଼ି
ଭୁବନେଶ୍ୱରରୁ ରାତି ଅଧଟାରେ
ଶ୍ରୀକ୍ଷେତ୍ରକୁ ଗଲେ ମାଡ଼ି।
ମହୋଦଧି କୂଳେ ବୁଲି ଲିଙ୍ଗରାଜ
ବଡ ଦାଣ୍ଡେ ହେଲେ ଉଭା
ବଡଦାଣ୍ଡେ ବୁଲେ ଅଧାଗଢ଼ା ଦିଅଁ
ଦେଖି ଶମ୍ଭୁ ହେଲେ କାବା।
ଦଣ୍ଡବତ କରି କୁଶଳ ପଚାରି
ହର କହେ ପ୍ରଭୁ ହରି
ରାତି ଅଧଟାରେ ବିଶ୍ରାମ ନକରି
ବୁଲ କିମ୍ପା ଘିରି ଘିରି।
କହନ୍ତି ମୁରାରି ଶୁଣ ତ୍ରୀପୁରାରୀ,
ଏ କରୋନା ସାଜିଲା କାଳ
ମୁଁ ସଂସାର ଚଳାଏ, ହେଲେ ମୋର ରଥଯାତ୍ରା
ହେବକି ନହେବ ହେଲା ଅଦାଲତି ଖେଳ।
କୋର୍ଟ ଆଦେଶେ ରଥରେ ବସାଇ
ନେଲେ ପଣ୍ଡା, ସେବାକାର
ସାତଦିନ ମୋତେ କ୍ୱାରେଣ୍ଟାଇନରେ
ରଖିଲେ ଗୁଣ୍ଡିଚା ଘରେ।
ଫେରିଲା ପରେ ବି ସଙ୍ଗରୋଧ ହୋଇ
ରହିଛି ବଡ ଦେଉଳେ
ଜୟ ଜଗନ୍ନାଥ ଶୁଭୁନାହିଁ ଆଉ
ବଡ ଦେଉଳ ଭିତରେ।
ପଣ୍ଡା, ପଢ଼ିହାରୀ, ସେବକ, ଭିକାରୀ
ସଭିଙ୍କ ବେଉସା ଗଲା
ସଞ୍ଜ ଦୋକାନରେ ନିର୍ମାଲ୍ୟ ଭଣ୍ଡାରେ
କେବେଠୁ ଝୁଲୁଛି ତାଲା।
ବଡ ଦେଉଳରେ ରୁନ୍ଧି ହୋଇଲିଣି
ଭକତଙ୍କ ଦେଖା ନାହିଁ
କାଳେ କେଉଁ ଭକ୍ତ ବଡଦାଣ୍ଡେଥିବ
ଆସିଛି ଦେଖିବା ପାଇଁ।
ଏବେ,ଭୁବନେଶ୍ୱରରେ କରୋନା ଭିତରେ
କମିତି ବିତୁଛି ଦିନ
କୁହ ଲିଙ୍ଗରାଜେ ଭଲେ ଅଛନ୍ତି ତ,
ତୁମ୍ଭରି ଆତ୍ମୀୟ ଜନ?
ତୁମ ଦଶା ଯାହା, ମୋର ଦଶା ତାହା
କି କହିବି ମହାବାହୁ।
ଭୁବନେଶ୍ୱରିଆ, ବଡ ଅମାନିଆ
ତୁଚ୍ଛାକୁ ଦେଖାନ୍ତି ଭାଉ
କରୋନା ନିୟମ ମାନନ୍ତିନି ଥୋକେ
ନେତା, ମନ୍ତ୍ରୀ, ପୁଅ କହି।
ଆକଟିଲେ କେହି ଧମକାନ୍ତି
ତାକୁ ଜୀବନେ ମାରିବା ପାଇଁ
ବଜାରେ ବୁଲନ୍ତି ଦୂରତା ନରଖି
ମୁହେଁ ନ ବାନ୍ଧନ୍ତି ତୁଣ୍ଡି।



ଜିମ୍, ପାର୍କ, ସବୁ ଖୋଲା, ମେଲା
ସବୁଠି ଧୋବଲା ମୁଣ୍ଡି
ବାର ଦେଖି ଏଠି ଆଇଁଷ ଦୋକାନେ
ଲାଗେ ଲୋକଙ୍କର ଭିଡ।
ଠେଲା ପେଲା ହୋଇ ବୋହି ନେଇଯାନ୍ତି
ସତେକି କାର୍ତ୍ତିକ ଛାଡ଼
ମନ୍ଦିର ଆଗ ମୋ ସଫା କରିଛନ୍ତି
ଦେଖିଲେ ଲାଗୁଛି ଖୁସି।
ହେଲେ ମନ୍ଦିରରେ ମୁହିଁ ଦୁଃଖରେ ରହୁଛି,
ଉଡୁନାହିଁ ଏଠି ମାଛି
ଗଞ୍ଜାଡ, ଭାଙ୍ଗୁଆ, ନିଶାଡି କହିକେ
ଟାପରା କରିଣ ମୋତେ।
ଶ୍ରାବଣ ମାସରେ ପଣି ଢାଳିଲେନି
ଶୋଇଲେ ଯେ ଯାହା ସୁଖେ
ମଣିମା ଡାକରା ସିଂହଦ୍ୱାରେ ଶୁଣି
ହର, ହରି, ତରବରେ।
ମିଶିକି କରିବା କରୋନା ସଂହାର
କହିଗଲେ ଯେ ଝା ପୁରେ।

ଦୂରଭାଷ : ୯୯୩୭୩୪୬୦୨୪









ସାଦ୍ୟାନ୍ତ ଶତପଥୀ
ଷ୍ଟାଣ୍ଡାର୍ଡ- ୨
ମଦର୍ସ ପବ୍ଲିକ ସ୍କୁଲ, ପୁରୀ





ଟି.ସାଇ ବିଷ୍ଣୁପ୍ରିୟା
ଷ୍ଟାଣ୍ଡାର୍ଡ-୩
ବିଜେଇଏମ୍ ସ୍କୁଲ, ବିଜେବି ନଗର



# ଖାଲଖମାରେ ଭର୍ତ୍ତି ବୋଡ଼କମୁଆଜିବ୍ ରାସ୍ତା

**ଭଦ୍ରକ :** ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କର ମୌଳିକ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଏହି ଅର୍ଥର ସଦୁପଯୋଗ କେବଳ କାଗଜ କଲମରେ ହେଉଥିବାର ବୋଡ଼କମୁଆଜିବ୍ ଗାଁ ରାସ୍ତାକୁ ଦେଖିଲେ ଜଣାପଡୁଛି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଓଡ଼ଙ୍ଗ ପଂଚାୟତ ଅଧିନ ୧୧ନଂ ଏବଂ ୧୨ନଂ ୱାର୍ଡ ଅର୍ନ୍ତଗତ ବୋଡ଼କମୁଆଜିବ୍ ଗାଁ । ଏହି ଗାଁର ଲୋକ ସଂଖ୍ୟା ପାଖାପାଖି ୧୫୦୦ । ମାତ୍ର ଏଠାକୁ ଭଲ ରାସ୍ତାଟିଏ ନାହିଁ । ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାର ବୋଡ଼କ ଛକ ଠାରୁ ଏକ ରାସ୍ତା ଏହି ଗାଁକୁ ସଂଯୋଗ କରୁଛି । ଯାହାର ଦୂରତା ପାଖାପାଖି ୩୦୦ମିଟର । ଏହି ମୋରମ ବିଛା ରାସ୍ତା ବର୍ଷା ପାଣିରେ ଧୋଇ ହୋଇ ଯିବା ଦ୍ୱାରା ମେଟାଲ ଗୁଡ଼ିକ ଉପରକୁ ଉଠି ଯାତାୟାତରେ ଘୋର ଅସୁବିଧା ସୃଷ୍ଟି କରୁଛି ।



ଗାଁ ଭିତରକୁ ସଂଯୋଗ କରୁଥିବା ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ସଂକୁଳ । ରାସ୍ତା ସଂକୀର୍ଣ୍ଣତା ଯୋଗୁଁ ଚାରିଚକିଆ ଯାନ ଯିବା ଆଦୌ ସମ୍ଭବ ନୁହେଁ । ଯଦ୍ୱାରା ଦମକଳ କିମ୍ବା ଆମ୍ବୁଲାନ୍ସ ଆସିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି ଏବଂ ଆସିଲେ ଗାଁ ଠାରୁ ପାଖାପାଖି ୨୦୦ ମିଟର ଦୂରରେ ରହୁଛନ୍ତି । ସ୍ଥାନୀୟରେ ଏହି ରାସ୍ତାରେ ଗଲେ ବିପଦ ଥିବା ଜାଣିଥିବା ସତ୍ତ୍ୱ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର ପାଇଁ ଗାଁ ଲୋକମାନେ ଏହା ଉପରେ ଯାଆଆସ କରିବାକୁ ବାଧ୍ୟ ହେଉଛନ୍ତି । ସେହିପରି ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ସ୍କୁଲକୁ ,ଆଗରପଡ଼ା କଲେଜକୁ, କୋମଳମତୀ ଶିଶୁ ଅଙ୍ଗନବାଡ଼ି କେନ୍ଦ୍ର କୁ ଅଧ୍ୟୟନ ପାଇଁ ଆସିଥାନ୍ତି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇ ଅଣ୍ଟାଏ ଲେଖାଏଁ ପାଣି ଜମା ହୋଇ ଯାଉଛି ଯଦ୍ୱାରା ଗମନା ଗମନରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଏହି ଗାଁ ରାସ୍ତାଟି କାମନାରି ଛକ ଠାରୁ ତିଲୋ ପଂଚାୟତ କୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାକୁ ମଧ୍ୟ ସଂଯୋଗ କରୁଛି । ଯାହାର ଅବସ୍ଥା ଆହୁରି ତଦ୍‌ରୂପ । ରାସ୍ତା ଅବସ୍ଥା ଯୋଗୁଁ ଗ୍ରାମବାସୀମାନେ ବ୍ଲକ,ତହସିଲ ଆଦି କାର୍ଯ୍ୟାଳୟ ଓ ଆଗରପଡ଼ା ବଜାରକୁ ଆସିବାରେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହ ଗାଁ ଭିତରେ ନିର୍ମିତ କଂକ୍ରିଟ ରାସ୍ତା ଏହି ସବୁ ସମସ୍ୟା ଯୋଗୁ ମୂଲ୍ୟହୀନ ହୋଇପଡ଼ିଛି । ଗତ ବର୍ଷ ସ୍ଥାନୀୟ ସରପଂଚଙ୍କ ନିଜସ୍ୱ ପାଣ୍ଠିରୁ ରାସ୍ତାରେ ମୋରମ ବିଛା ଯାଇଥିଲା । ଯାହା ବର୍ଷା ଦ୍ୱାରା ଧୋଇ ହୋଇଯାଇଛି । ରାସ୍ତା ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୀବନ ସହ ...

ଜଗତସିଂହପୁର ଜିଲ୍ଲା ରାଜ୍ୟର ଏକ ଆଗୁଆ ଜିଲ୍ଲା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଏହାର ସୁନାମ ରହିଛି। ବିଜୁବାବୁ ଏଠାରେ ପାରାଦୀପ ବନ୍ଦର ନିର୍ମାଣ କରି ବିକାଶ ଧାରା ଆରମ୍ଭ କରିଥିଲେ। ଆଜିର ଏହି ଦୁଇଟି ପ୍ରକଳ୍ପ ଜଗତସିଂହପୁରର ବିକାଶ କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରକୁ ସେ ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୭୦ଲକ୍ଷରୁ ଅଧିକ ପରିବାରକୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଦୃଢ଼ କରାଯାଉଛି। ଓଡ଼ିଶା ଖୁବ୍ ଶୀଘ୍ର ପୂର୍ବ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ପ୍ରତିଷ୍ଠା ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କୋଭିଡ ଯୁଦ୍ଧରେ ଓଡ଼ିଶା ବହୁତ ଭଲ ପ୍ରଦର୍ଶନ କରୁଛି ଏବଂ ଜଗତସିଂହପୁର ଜିଲ୍ଲା ମଧ୍ୟ ଏ କ୍ଷେତ୍ରରେ ଭଲ କାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜନସାଧାରଣଙ୍କ ସହଯୋଗ ଓ କରୋନା ଯୋଦ୍ଧାଙ୍କ ତ୍ୟାଗ ଯୋଗୁ ଏ ଯୁଦ୍ଧରେ ଓଡ଼ିଶା ନିଶ୍ଚିତ ବିଜୟ ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲ୍ଲାର ସମସ୍ତ କୋଭିଡ ଯୋଦ୍ଧା, ନିର୍ବାଚନ ପ୍ରତିନିଧି, ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇସ୍ପାତ, ଖଣି ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଥିଲେ ଯେ, ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଜଗତସିଂହପୁର ଜିଲ୍ଲାରେ ବିକାଶ ପ୍ରକ୍ରିୟା ଆହୁରି ମଜବୁତ ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ କହିଥିଲେ ଯେ, ଓଡ଼ିଶା ମା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାତୃ ଓ ଶିଶୁ ମୃତ୍ୟୁ ହାର ମଧ୍ୟ ଅନେକ ପରିମାଣରେ ହ୍ରାସ ପାଇଛି। ଜଳ ସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ ଯେ, ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଜଗତସିଂହପୁର ବିକାଶ ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ନମୁନା ପରୀକ୍ଷଣରେ ...

ଲୋକ ସଂଖ୍ୟାରେ ସର୍ବାଧିକ କରୋନା ପରୀକ୍ଷା କରାଯାଉଛି। ଓଡ଼ିଶାରେ ଦିନକୁ ୧,୨୬୫ କୋଭିଡ୍ ପରୀକ୍ଷା କରାଯାଉଛି, ଯାହା ଜାତୀୟ ହାରଠାରୁ ଅଧିକ ବୋଲି କୁହାଯାଇଛି। ଭାରତରେ ପ୍ରାୟ ୫୮୦ଜଣ କୋଭିଡ୍ ପରୀକ୍ଷା କରାଯାଉଥିବା ବେଳେ ଓଡ଼ିଶା ଯଥେଷ୍ଟ ଆଗରେ ରହିଛି। ଓଡ଼ିଶାରେ ଏକଲକ୍ଷ ଲୋକ ସଂଖ୍ୟାରେ ଅତିରିକ୍ତ ୬୮୫ଜଣଙ୍କ କୋଭିଡ୍ ପରୀକ୍ଷା ହେଉଛି। ମଧ୍ୟପ୍ରଦେଶ ଭଳି ବଡ ରାଜ୍ୟରେ ଏକ ମିଲିୟନ୍ ଜନସଂଖ୍ୟାରେ ଦୈନିକ ୨୨୪, ରାଜସ୍ଥାନ ୩୦୯, ପଶ୍ଚିମବଙ୍ଗ ୩୬୫, ବିହାର ୪୦୮, କେରଳ ୫୩୪, ପଞ୍ଜାବ ୫୪୬ ଓ ମହାରାଷ୍ଟ୍ରରେ ୫୭୯ ରହିଛି। କରୋନା ଭୂତାଣୁ ନମୁନା ପରୀକ୍ଷଣରେ ଦିଲ୍ଲୀ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ଗୁଜୁରାଟ ଠାରୁ ଓଡ଼ିଶା ଆଗରେ ରହିଛି। ଓଡ଼ିଶାରେ ପ୍ରତିଦିନ ୫୦ ହଜାରରୁ ଅଧିକ କୋଭିଡ୍ ଟେଷ୍ଟ କରାଯାଉଛି, ଯାହା ଅନ୍ୟ ବଡ ରାଜ୍ୟମାନଙ୍କ ପାଇଁ ଆଦର୍ଶ ବୋଲି କୁହାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରସ୍ତୁତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, କୋଭିଡ୍ ପଜିଟିଭ୍ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ପ୍ରଥମ ୬ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଦୈନିକ ପାଖାପାଖି ୫୦ ହଜାର ନମୁନା ପରୀକ୍ଷା ହେଉଥିବା ବେଳେ ଓଡ଼ିଶାରେ ଯଥେଷ୍ଟ କମ୍ ସଂଖ୍ୟକ ଲୋକଙ୍କ ପାଖରେ କରୋନା ପଜିଟିଭ୍ ଚିହ୍ନଟ କରାଯାଉଛି। ଜାତୀୟ ହାର ଏ କ୍ଷେତ୍ରରେ ୮.୬୯% ଥିବା ବେଳେ ଓଡ଼ିଶା ୬% ରହିଛି। ଅର୍ଥାତ୍ ଜାତୀୟସ୍ତରରେ ପ୍ରତି ଶହେ ଜଣରେ ୮.୬୯ ଥିବାବେଳେ ଓଡ଼ିଶା ୬% ରହିଛି। ଅର୍ଥାତ୍ ଜାତୀୟସ୍ତରରେ ପ୍ରତି ଶହେ ଜଣରେ ୮.୬୯ଜଣ ସଂକ୍ରମିତ ହେଉଥିବା ବେଳେ ଓଡ଼ିଶାରେ ଏହି ହାର ୬ ରହିଛି। ତାମିଲନାଡୁ (୮.୨୦%), କେରଳ (୭.୮୦%), ବିହାର (୭.୧୦%), ଆସାମ (୬.୫%) ଓ ଗୁଜୁରାଟ (୬.୪୦%) ଠାରୁ ଓଡ଼ିଶାର ପ୍ରଦର୍ଶନ ବେଶ୍ ଭଲ ରହିଛି। ଓଡ଼ିଶା ଉପରେ ଉତ୍ତରପ୍ରଦେଶ (୪.୬୦%), ମଧ୍ୟପ୍ରଦେଶ (୪.୬୦%), ପଞ୍ଜାବ (୪.୧୦%), ରାଜସ୍ଥାନ (୪.୦୦%) ରହିଥିବା ଜଣାପଡିଛି।

### ଖରାପ ରେଜଲ୍ଟ ...

ତେବେ ଆସନ୍ତା ୧୫ଦିନ ମଧ୍ୟରେ ପ୍ରଧାନ ଶିକ୍ଷକ ଏବଂ ବିଷୟଭିତ୍ତିକ ଶିକ୍ଷକଙ୍କ ରିପୋର୍ଟ ଯେପରି ସରକାରଙ୍କ ପାଖରେ ପହଞ୍ଚିବ ସେ ନେଇ ଜିଲ୍ଲାଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଯେଉଁ ସବୁ ପିଲାମାନେ ଏକକ ବିଷୟରେ ଫେଲ୍ ହୋଇଛନ୍ତି ସେହି ଛାତ୍ରଛାତ୍ରୀଙ୍କର ଉଭୟ ପ୍ରିଟେଷ୍ଟ୍ ଏବଂ ଟେଷ୍ଟ୍ ପରୀକ୍ଷାଫଳକୁ ତର୍ଜମା କରାଯିବ। ଯଦି ସମ୍ପୃକ୍ତ ପରୀକ୍ଷାର୍ଥୀମାନେ ପୂର୍ବରୁ ସମାନ ବିଷୟରେ ଖରାପ ମାର୍କ ରଖିଥିଲେ ତେବେ ସେମାନଙ୍କ ଇମ୍ପ୍ରୁଭମେଣ୍ଟ୍ ବା ଉନ୍ନତି ଲାଗି ସ୍କୁଲ ପକ୍ଷରୁ କେଉଁ ସବୁ ବ୍ୟବସ୍ଥା କରାଯାଇଥିଲା ତାହା ମଧ୍ୟ ରିପୋର୍ଟରେ ପ୍ରଧାନଶିକ୍ଷକମାନେ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷର ରେଜଲ୍ଟକୁ ନଜର ଦେଇ ଆସନ୍ତା ଶିକ୍ଷାବର୍ଷ ଆରମ୍ଭରୁ ଯେଉଁସବୁ ଛାତ୍ରଛାତ୍ରୀ ଉଭୟ ନବମ ଏବଂ ଦଶମରେ ନାମଲେଖାଇବେ ସେମାନଙ୍କ ଲାଗି ୧୫୦ମାର୍କ ବିଶିଷ୍ଟ ଏଣ୍ଟ୍ରାନ୍ସ ହେବ। ଯେଉଁଥିରେ ଗଣିତ, ବିଜ୍ଞାନ, ଇଂରାଜୀ ବିଷୟରେ ସର୍ବାଧିକ ୧୨୦ମାର୍କ ରହିବ। ପ୍ରବେଶିକା ପରୀକ୍ଷାରେ ଯେଉଁମାନେ ପାସ୍ କରିବେ ମାତ୍ର ୫୦% ରୁ କମ୍ ମାର୍କ ରଖିବେ ସେମାନଙ୍କ ଲାଗି ସ୍କୁଲରେ ପାଠପଢ଼ା ଆରମ୍ଭ ହେବା ପରେ ପ୍ରଥମ ୨ମାସ ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା ରହିବ। ବିଷୟଭିତ୍ତିକ ଶିକ୍ଷକଙ୍କ ଶିକ୍ଷାଦାନ ପଦ୍ଧତିର ଯାଞ୍ଚ ଲାଗି ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ। ଚଳିତବର୍ଷ କରୋନା ସମସ୍ୟା ଲାଗି ପାଠପଢ଼ାରେ ବିଳମ୍ବ ଏବଂ ପାଠ୍ୟଖସଡ଼ାରେ ହ୍ରାସ କରିବା ଲାଗି ନିଷ୍ପତ୍ତି ହୋଇଛି। ଏକାଡେମିକ୍ କ୍ୟାଲେଣ୍ଡର ଅନୁସାରେ ୨୦୨୦-୨୧ ପାଠପଢ଼ା ଶେଷ କରିବା ସହ ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ପିଲାଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ବିଭାଗ ପକ୍ଷରୁ ସବୁ ଜିଲ୍ଲାଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବର୍ଷ ଶେଷ ...

ସୂଚନା ମୁତାବକ ଏବେ ପ୍ରାୟ ୩୦ଟି ଭ୍ୟାକ୍ସିନ୍‌ର ଟ୍ରାଏଲ୍ ଚାଲିଛି। ପୁଣି ୧୩୯ଟି ଭ୍ୟାକ୍ସିନ୍‌ର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି। ବ୍ରିଟେନ, ଆମେରିକା ଓ ଚୀନ ତିଆରି କରିଥିବା ଭ୍ୟାକ୍‌ସିନ୍‌ର ମାନବ ପରୀକ୍ଷଣ ଶେଷ ହୋଇଛି। ଏବେ ଉକ୍ତ ତିନୋଟି ଦେଶରେ ପ୍ରସ୍ତୁତ ଟିକାଗୁଡ଼ିକ ପ୍ରଥମେ ଖୋଲାବଜାରକୁ ଆସିବ। ଚୀନ, ଆମେରିକା ଓ ବ୍ରିଟେନ୍ ପୂର୍ବରୁ ଭାରତ କୋଭିଡ୍-୧୯ ଟିକା ବଜାରକୁ ଛାଡ଼ିବା ସମ୍ପର୍କରେ ପ୍ରଥମେ ଘୋଷଣା କରିଥିଲା। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ଓ ଆଇସିଏମ୍ଆର ମିଳିତ ଉଦ୍ୟମରେ ପ୍ରସ୍ତୁତ କୋଭାକ୍ସିନ୍ ଓ ଜାୟଡ୍ସ କ୍ୟାଡିଲା ପ୍ରସ୍ତୁତ ଜାଇକୋଭ୍-ଡି ଟିକା ପ୍ରତି ଗୁରୁତ୍ୱାରୋପ କରିଥିଲେ। ଅକ୍ସଫୋର୍ଡ ଭ୍ୟାକ୍ସିନ୍ ନିର୍ମାତା ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏକ ଭାରତୀୟ କମ୍ପାନୀ ବୋଲି ହର୍ଷବର୍ଦ୍ଧନ କହିଥିଲେ। ପରୋକ୍ଷରେ କେନ୍ଦ୍ରମନ୍ତ୍ରୀ ଜଣାଇ ଦେଇଛନ୍ତି ଯେ ବ୍ରିଟେନ୍ ଓ ଭାରତ ଏକା ସମୟରେ ବଜାରକୁ କୋଭିଡ୍-୧୯ ଟିକା ଛାଡ଼ିବେ। ୨୦୨୧ ପ୍ରଥମ ତ୍ରୈମାସିକରେ ଭାରତୀୟ ବଜାରରେ ଦୁଇଟିଯାକ କମ୍ପାନୀର ଟିକା ମିଳିବ। ଅଗଷ୍ଟ ୧୧ରେ ଟିକା ପଞ୍ଜିକୃତ କରିବା ପରେ ରୁଷିଆ ପ୍ରାୟ ୪୦ ହଜାର ଲୋକଙ୍କୁ ସ୍ପୁଟ୍‌ନିକ୍-ଭି'ର ତୃତୀୟ ପର୍ଯ୍ୟାୟ ପରୀକ୍ଷଣରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ପୁଟିନ ସରକାର ମସ୍କୋସ୍ଥିତ ଗାମାଲିୟା ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ତିଆରି ଟିକାକୁ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଛନ୍ତି। ମାତ୍ର ରୁଷ୍‌ରେ ଟିକାର ଚାହିଦା ପୂରଣ ପାଇଁ ରୁଷିଆ ଭାରତର ସହାୟତା କାମନା କରିବା ଆଉ ଏକ ଆଶଙ୍କା ସୃଷ୍ଟି କରୁଛି। ଇତିମଧ୍ୟରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ପ୍ରାୟ ୬୦ ହଜାର ଲୋକଙ୍କୁ କୋଭିଡ୍-୧୯ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣରେ ସାମିଲ କରିବାକୁ କହିଛି। ଆମେରିକା, ମେକ୍ସିକୋ ଓ ବ୍ରାଜିଲର ୧୮୦ଟି ସ୍ଥାନରେ ଜନ୍‌ସନ୍ କମ୍ପାନୀର କୋଭିଡ୍-୧୯ ଟିକାର ମାନବ ପରୀକ୍ଷଣ ହେବ।

### 'ଭୁବନେଶ୍ୱରରେ ...

ଘରୋଇ ସଂସ୍ଥା ଦ୍ୱାରା ୪୫୦ ଶଯ୍ୟା ସୃଷ୍ଟି କରାଯାଇଛି। ସେହିପରି ଦୈନିକ ଟେଷ୍ଟ ସଂଖ୍ୟା ପାଖାପାଖି ୩ ହଜାର ଯାଏ ବୃଦ୍ଧି କରାଯାଇଛି। ଏପରିକି ଏବେ ଭୁବନେଶ୍ୱରର ଅଧିକାଂଶ ଆକ୍ରାନ୍ତ ନିଜ ଘରେ ଏକାନ୍ତବାସରେ ଅଛନ୍ତି। ଅଧିକାଂଶ ଆକ୍ରାନ୍ତ ଲକ୍ଷଣବିହିନ ଥିବାରୁ ସେମାନଙ୍କ ଘରେ ଏକାନ୍ତବାସରେ ରହିବାକୁ ପରାମର୍ଶ ଦିଆଯାଉଛି। ଯାହାକି ବିଗତ ଦିନରେ ଫଳପ୍ରଦ ମଧ୍ୟ ହୋଇଛି।

### ମାନିଲା ପାକିସ୍ତାନ ...

ଆତଙ୍କବାଦୀ ଭାବେ ଶେଷରେ ବିବେଚନା କରିଛି। ଦୀର୍ଘ ୧୨ ବର୍ଷ ପରେ ପାକିସ୍ତାନ ଲଖଭୀର ସମସ୍ତ କାର୍ଯ୍ୟକଳାପ ଉପରେ ରୋକ ଲଗାଇବ। ଲଖଭୀ ବ୍ୟତୀତ ହାଫିଜ ସୟିଦ ଓ ମାସୁଦ ଆଝାରର ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ପାକିସ୍ତାନ ଜବତ କରିବ। ଏଫ୍ଏଟିଏଫ୍‌ର ଗ୍ରେ ଲିଷ୍ଟରେ ପାକିସ୍ତାନ ରହିଛି। ଆତଙ୍କବାଦୀ କାର୍ଯ୍ୟକଳାପ ଓ ସଂଗଠନକୁ ପାଣ୍ଠି ଯୋଗାଣରେ ପାକିସ୍ତାନ ସହାୟତା କରୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରେ ଲିଷ୍ଟରେ ରହିବା ସତ୍ତ୍ୱେ ପାକିସ୍ତାନର ଆତଙ୍କବାଦୀଙ୍କ ପ୍ରତି ଥିବା ପ୍ରୀତି ବଦଳି ନଥିଲା। ହେଲେ ଏବେ କଳାତାଲିକା ଭୁକ୍ତ ହେବା ଆଶଙ୍କାରେ ପାକିସ୍ତାନ ୮୮ଜଣ ଆତଙ୍କବାଦୀଙ୍କ ତାଲିକା ପ୍ରକାଶ କରି ସେମାନଙ୍କ ସମ୍ପତ୍ତି ଜବତ କରିବାକୁ ନିଷ୍ପତ୍ତି ନେଇଛି। ଏମାନଙ୍କ ମଧ୍ୟରେ ଦାଉଦ ଇବ୍ରାହିମ୍ ମଧ୍ୟ ରହିଛି।

### 'ପ୍ରପଟି ଡିଲର ...

ପୁରୀ ମନ୍ଦିରର ସୌନ୍ଦର୍ଯ୍ୟୀକରଣ କରିବା ପାଇଁ ମେଘନାଦ ପାଚେରୀର ୭୫ ମିଟର ଯାଏଁ ଲୋକଙ୍କୁ ବିସ୍ଥାପିତ କରାଗଲା ଏବଂ ସେମାନଙ୍କୁ ଜମି ଓ କ୍ଷତିପୂରଣ ଦେବା ପାଇଁ ସରକାର ଘୋଷଣା କରିଥିଲେ । ୩୦୦ ଜଣ ଲୋକଙ୍କୁ ବିସ୍ଥାପିତ କରିବା ପରେ କିଛି ଲୋକଙ୍କୁ ବଗଲା ଧର୍ମଶାଳାରେ ପ୍ଲଟିଂ ଦେବା ଏବଂ ଅନ୍ୟ ଲୋକଙ୍କୁ ବାହାରେ ଜମି ଦେବାର ଉଦ୍ଦେଶ୍ୟ କ'ଣ ରହିଛି ? ବଗଲା ଧର୍ମଶାଳା ପୁରୀ ମ୍ୟୁନିସିପାଲିଟି ଅଧୀନରେ ଥିଲା କିନ୍ତୁ ରାତାରାତି ତାକୁ ରାଜସ୍ୱ ବିଭାଗକୁ ଅଣାଯାଇ ତାକୁ ୨୬ଟି ପ୍ଲଟିଂ କରାଯାଇଛି । ଯାହାକି ସଂପୂର୍ଣ୍ଣଭାବେ ବେଆଇନ । କାହା ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ ହୋଇଛି ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି । 'ସବକା ସାଥ ସବକା ବିକାଶ' ମୋଦି ସରକାରଙ୍କ ପ୍ରାଥମିକତା । ଏହାକୁ ଦୃଷ୍ଟିରେ ରଖି ପ୍ରସାଦ ଯୋଜନା ଅନୁଯାୟୀ ପୁରୀ ତୀର୍ଥସ୍ଥାନର ବିକାଶ ଏବଂ ତୀର୍ଥଯାତ୍ରୀ ମାନେ ରହିବା ପାଇଁ ବଗଲା ଧର୍ମଶାଳାକୁ ୨୦ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା । ଏନେଇ ଶ୍ରୀମନ୍ଦିର ପ୍ରଶାସନ, ଅଗ୍ନିଶମ ବିଭାଗ ଓ ପୁରୀ କୋଣାର୍କ ବିକାଶ ପରିଷଦ ଏନଓସି ପ୍ରଦାନ କରିଥିଲା । ଏହା ପରେ ବଗଲା ଧର୍ମଶାଳାରେ ଜଗନ୍ନାଥ ତୀର୍ଥନିବାସ ନିର୍ମାଣ ପାଇଁ ଆଇ.ଟି.ଡିସି ଟେଣ୍ଡର ନେଇ କାର୍ଯ୍ୟ ଆରମ୍ଭ କରିଥିଲା । ୩ କୋଟି ଟଙ୍କା ଖର୍ଚ୍ଚ ହେବା ପରେ କାହା ସ୍ୱାର୍ଥରେ ସେଠାରେ କାର୍ଯ୍ୟ ବନ୍ଦ କରାଯାଇ ପ୍ଲଟିଂ କରି ଜମି ବିକ୍ରି କରାଯାଉଛି । ଐତିହାସିକ ସ୍ଥଳକୁ ରାତାରାତି ପ୍ରପ୍ରଟି ଡିଲିଙ୍ଗ କରି ବିକ୍ରି କରିବାର ଉଦ୍ଦେଶ୍ୟ କ'ଣ? ୧୧୫ ବର୍ଷର ଧର୍ମଶାଳାକୁ ପ୍ଲଟିଂ କରି ଏଯାବତ୍ ୬ ଜଣ ଲୋକଙ୍କୁ ବିକା ସରିଲାଣି । ବହୁ ବିଧାୟକ ଏବଂ ପ୍ରଶାସନିକ ଅଧିକାରୀମାନେ ବଗଲା ଧର୍ମଶାଳା ଆସି ନିଜ ନିଜର ପ୍ଲଟ ଚିହ୍ନଟ କରୁଛନ୍ତି ବୋଲି ପୁରୀ ବାସିନ୍ଦା ଅଭିଯୋଗ କରିଛନ୍ତି । ରାଜ୍ୟସରକାର ତୁଙ୍ଗ ନେତା ଏବଂ ପ୍ରଶାସନିକ ଅଧିକାରୀଙ୍କୁ ପୁରୀରେ ପ୍ଲଟ ଦେବା ପାଇଁ ବଗଲା ଧର୍ମଶାଳାକୁ ଷଡଯନ୍ତ୍ର କରି ବିକ୍ରି କରାଯାଉଛି ବୋଲି ଶ୍ରୀ ପାତ୍ର କହିଛନ୍ତି। ବଗଲା ଧର୍ମଶାଳାକୁ ନେଇ ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଗତ ବର୍ଷ ହାଇକୋର୍ଟ ଏନେଇ ସରକାରଙ୍କୁ ଜବାବତଲବ କରିବା ପରେ ରାଜ୍ୟସରକାର କୌଣସି ଉତର ରଖିନାହାଁନ୍ତି । ହାଇକୋର୍ଟକୁ ଅଣଦେଖା କରି ଜମି ପ୍ଲଟିଂ କରିବା ଏକ ଧର୍ତବ୍ୟ ଅପରାଧ । ପୁରୀ ଏକ ତୀର୍ଥସ୍ଥଳ ହୋଇଥିବାରୁ ୬୦ ହଜାର ଭକ୍ତ ରହିବା ପାଇଁ ବ୍ୟବସ୍ଥା କରିବାକୁ ମାନ୍ୟବର ସୁପ୍ରିମକୋର୍ଟ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟସରକାର ଏହା ନକରି ଯେଉଁ ଗୋଟିଏ ଧର୍ମଶାଳା ଥିଲା ତାକୁ ଭାଙ୍ଗି ବିକିବା ଆରମ୍ଭ କରିଛନ୍ତି । ତୁରନ୍ତ ରାଜ୍ୟସରକାର ବଗଲା ଧର୍ମଶାଳାରେ ହେଉଥିବା ପ୍ଲଟିଂ କାର୍ଯ୍ୟକୁ ବନ୍ଦ କରନ୍ତୁ । ଏହା ସହ କେନ୍ଦ୍ରସରକାରଙ୍କ ପ୍ରସାଦ ଯୋଜନା ଅନୁଯାୟୀ ତୀର୍ଥଯାତ୍ରୀଙ୍କ ରହିବା ପାଇଁ ଆରମ୍ଭ ହୋଇଥିବା ଜଗନ୍ନାଥ ତୀର୍ଥନିବାସ ନିର୍ମାଣ କାର୍ଯ୍ୟକୁ ଗତିଶୀଳ କରାଯାଇ ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ଏକ ବିରାଟ ଧର୍ମଶାଳା ନିର୍ମାଣ କରାଯାଉ ବୋଲି ଶ୍ରୀ ପାତ୍ର ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବରିଷ୍ଠ ନେତା କୃଷ୍ଣ ଜଗଦେବ, ରାଜ୍ୟ ମୁଖପତ୍ର ଠାକୁର ରଂଜିତ ଦାସ ଏବଂ ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ପ୍ରାର୍ଥନା ପରେ ୧୫ ମିନିଟ ଯୋଗ

**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସାଙ୍ଗକୁ ପିଲାଙ୍କୁ ଦୈନିକ ଯୋଗ ଶିକ୍ଷା ଦିଆଯିବ। ତେବେ ପ୍ରତିଦିନ ସକାଳ ପ୍ରାର୍ଥନା ଶେଷ ହେବା ପରେ ୧୫ମିନିଟ୍ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯୋଗ କରିବେ। ମାତ୍ର ଯେଉଁ ପିଲାମାନେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ସ୍କୁଲ ଯାଉଛନ୍ତି ସେମାନଙ୍କ ଲାଗି ପ୍ରତି ଶନିବାର ଯୋଗ କ୍ଲାସ ବାଧ୍ୟତାମୂଳକ କରାଯାଇଥିବା ବେଳେ ଅନ୍ୟଦିନ ଗୁଡ଼ିକରେ କେଉଁ ସମୟରେ କ୍ଲାସ ହେବ ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ରାଜ୍ୟର ସବୁ ମାଧ୍ୟମିକ ସ୍କୁଲରେ ଆଇଡିୱାଇ ବା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବାକୁ ବାଧ୍ୟତାମୂଳକ କରାଯାଇଛି। ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିବା ବେଳେ ପ୍ରତ୍ୟେକ ଛାତ୍ରଛାତ୍ରୀ ଯେପରି ଏହି ଦିବସରେ ସାମିଲ ହେବେ ସେ ନେଇ ନଜର ଦେବାକୁ ମଧ୍ୟ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ମୋଟ ୨୬୨୯ଟି ସେକେଣ୍ଡାରୀ ସ୍କୁଲ ରହିଛି। ସମସ୍ତ ସରକାରୀ ସ୍କୁଲଗୁଡ଼ିକରେ ଯୋଗ କ୍ଲାସକୁ ଗୁରୁତ୍ୱ ଦିଆଯିବ। ପ୍ରତ୍ୟେକ ସରକାରୀ ସ୍କୁଲରେ ପିଲାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବର୍ଦ୍ଧିଜ୍ଞାନର ବିକାଶ ଏବଂ ଏକାଗ୍ରତାରେ ବେଶ୍ ସହାୟକ ହୋଇପାରିବ। ତେବେ ସମଗ୍ର ଶିକ୍ଷା ଅନ୍ତର୍ଗତ ଏହି ଯୋଜନା ମାଧ୍ୟମରେ ସରକାରୀ ସ୍କୁଲଗୁଡ଼ିକରେ ଯୋଗ ଶିକ୍ଷା ଲାଗି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଅନୁଦାନ ପ୍ରଦାନ କରାଯିବ। ଯୋଗ ଶିକ୍ଷା ଲାଗି ଖୁବଶୀଘ୍ର ସ୍କୁଲଗୁଡ଼ିକରେ ଯୋଗ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଏନ୍‌ଜିଓ କିମ୍ବା ମାଗଣାରେ ଯୋଗ ଶିଖାଉଥିବା ଅନୁଷ୍ଠାନର ସଦସ୍ୟମାନେ ସ୍କୁଲରେ ପିଲାଙ୍କୁ ଯୋଗ ଶିଖାଇବେ। ପରବର୍ତ୍ତୀ ସମୟରେ ଆବଶ୍ୟକତାକୁ ନଜର ଦେଇ ସ୍କୁଲସ୍ତରରେ ଯୋଗ ଶିକ୍ଷକ ନିଯୁକ୍ତି ହେବେ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନେକ ସମୟରେ ଯୋଗକୁ ପିଲାମାନେ ଅଣଦେଖା କରୁଥିବା ବେଳେ ଯୋଗ ପ୍ରତି ଯେପରି ପିଲାମାନେ ମନବଳାଇବେ ସେ ନେଇ ଏପରି କାର୍ଯ୍ୟକ୍ରମ ଲାଗୁ କରିବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟର ବିଭିନ୍ନ ସ୍କୁଲରେ ପୂର୍ବରୁ ଯୋଗ କ୍ଲାସ ଏବଂ ସୂର୍ଯ୍ୟନମସ୍କାର ଆଦି କାର୍ଯ୍ୟକ୍ରମର ଆୟୋଜନ ହେଉଥିବା ବେଳେ ଗତ ୮/୧୦ବର୍ଷ ହେବ ଏହି ସବୁ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ବର୍ଷକୁ ଗୋଟିଏ ଦିନ ଯୋଗ ଶିବିର ବା ଯୋଗ କରାଯାଉଥିବା ଦେଖିବାକୁ ମିଳୁଛି। ତେବେ ଏପରି ବ୍ୟତିକ୍ରମ ଲାଗି ସ୍କୁଲରେ ପିଲାମାନେ ମଧ୍ୟ ଯୋଗଠାରୁ ଦୂରେଇ ଯାଉଛନ୍ତି। ସ୍କୁଲଗୁଡ଼ିକରେ କ୍ରୀଡ଼ା, ନୃତ୍ୟ, ପାଠାଗାର, ଉଜ୍ଜ୍ୱଳ କାର୍ଯ୍ୟକ୍ରମ ଲାଗି ବିଭିନ୍ନ ଅନୁଦାନ ମିଳୁଥିବା ବେଳେ ଯୋଗ ଲାଗି କୌଣସି ଅନୁଦାନ ନାହିଁ। ଯଦି ସ୍କୁଲଗୁଡିକରେ ଯୋଗ ପାଠ୍ୟକ୍ରମ ଆରମ୍ଭ ହୁଏ ତେବେ ଏନେଇ ପ୍ରତ୍ୟେକ ସ୍କୁଲରେ ଯୋଗ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ହେବ। ସ୍କୁଲ ଗୁଡିକରେ ପ୍ରଥମ ପର୍ଯ୍ୟାୟରେ ଖେଳ ଶିକ୍ଷକ ପିଲାଙ୍କୁ ଯୋଗ ଶିଖାଇବେ। ଏହାବ୍ୟତୀତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ୍, ଏନ୍‌ସିସି ଆଦି କାର୍ଯ୍ୟକ୍ରମରେ ଯେଉଁ ପିଲାମାନେ ସାମିଲ ହୋଇଥିବେ ସେମାନଙ୍କୁ ମଧ୍ୟ ଯୋଗ ସମ୍ପର୍କରେ ଅଧିକ ପ୍ରଶିକ୍ଷଣ ଦେବା ଲାଗି ନିଷ୍ପତ୍ତି ହୋଇଛି।

# ଆଧାରକାର୍ଡ ହେଲା ପ୍ରତିବନ୍ଧକ

**ଥୁ.ରାମପୁର, (ଅଙ୍ଗଦ ନାଏକ) :** ରାଜ୍ୟ ସରକାର ସମସ୍ତଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଥିଲା ବେଳେ ଜଣେ ୭୦ ବର୍ଷିୟା ବୃଦ୍ଧା କିଭଳି ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି ତାହା ଆଶ୍ଚର୍ଯ୍ୟ ଲାଗେ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ସିନ୍ଧିପଦର ଗ୍ରାମ ପଞ୍ଚାୟତର ଖଲୁଆଗୁଡା ଗାଁରେ କଳାଦେଇ ମାଝୀ ନାମ୍ନୀ ଜଣେ ବୃଦ୍ଧା ଅସୁରକ୍ଷିତ ଭାବେ ମାଟି କୁଡିଆରେ ଭୋକ ଉପାସରେ ରହୁଥିଲେ ବି ତାଙ୍କ କଥା ବୁଝୁନାହିଁ ପ୍ରଶାସନ। ବୃଦ୍ଧା ଜଣକ ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିବାରୁ ବିବାହ କରିପାରି ନଥିଲେ। ସରକାରଙ୍କ ତରଫରୁ ତାଙ୍କୁ ମିଳୁଥିବା ଭତ୍ତା ଏବଂ ୫ କେଜି ଚାଉଳ ଅନେକ ଦିନ ହେଲା ସେ ପାଇନାହାନ୍ତି। ଦୁଃଖର ବିଷୟ ବର୍ତ୍ତମାନ ଏହାର କାରଣ ଭାବେ ଯାହା ଜଣାପଡିଛି ତାହା ହେଉଛି ଆଧାର କାର୍ଡ ନଥିବା ଯୋଗୁ ଏହି ବୃଦ୍ଧାଙ୍କୁ ଚଳିତ ମାସରେ ପିଡିଏସ୍ ଚାଉଳ ଓ ଭତ୍ତ ଟଙ୍କା ଦିଆଯାଇନାହିଁ। ଜଣେ ଦୃଷ୍ଟିଶକ୍ତି ନଥିବା ବୃଦ୍ଧା ମହିଳା ଆଧାରକାର୍ଡକୁ ନେଇ ବର୍ତ୍ତମାନ ସମୟରେ ଯେଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଉଠୁଛି।

# ଜିଲ୍ଲା କୋଭିଡ ପର୍ଯ୍ୟବେକ୍ଷକଙ୍କ ସ୍ଥିତି ଅନୁଧ୍ୟାନ



**ବାରିପଦା :** ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ତଥା ଜିଲ୍ଲା କୋବିଡ ପର୍ଯ୍ୟବେକ୍ଷକ ସୁରେନ୍ଦ୍ର କୁମାର ମୟୁରଭଞ୍ଜ ଜିଲା ଗସ୍ତରେ ଆସି ଜିଲ୍ଲାର କୋଭିଡ୍ -୧୯ ପରିଚାଳନା କାର୍ଯ୍ୟକ୍ରମ ସଂପର୍କୀତ ଜିଲ୍ଲା ପ୍ରଶାସନ ଆଲୋଚନା କରିବା ସହିତ କୋଭିଡ୍ କ୍ୟାୟାର ହୋମ / ସ୍ୱାବ ଟେଷ୍ଟିଙ୍ଗ କେନ୍ଦ୍ର ଆଦି କ୍ଷେତ୍ର ପରିଦର୍ଶନରେ ଅନୁଧ୍ୟାନ କରିଥିଲେ। ପ୍ରମୁଖ ଶାସନ ସଚିବଙ୍କ ଜିଲ୍ଲା ଗସ୍ତ ଅବସରରେ କାର୍ଯ୍ୟକ୍ରମରେ କୁଳିଅଣା ବ୍ଲକର ଗାଙ୍ଗରାଜ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ କାର୍ଯ୍ୟକ୍ଷମ କରାଯାଇଥିବା କ୍ଲୋଷ୍ଟର କୋଭିଡ୍ କ୍ୟାୟାର ହୋମ ଅନୁଧ୍ୟାନ କରିବା ସହିତ ୱାର୍ଡ/ଗ୍ରାମ ସ୍ତରୀୟ କୋଭିଡ୍ କମିଟିର ସଦସ୍ୟ ସଦସ୍ୟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ପରିଦର୍ଶନ କରିବା ସହିତ ଆଲୋଚନା କରିଥିଲେ। ସେହିପରି ଗାଙ୍ଗରାଜ ଗ୍ରାମ ପଂଚାୟତ ସ୍ଥିତ ଏଏନଏମ୍ ସବ୍ ସେଣ୍ଟରରେ କାର୍ଯ୍ୟକ୍ଷମ କରାଯାଇଥିବା କୋଭିଡ୍ ଷ୍ଟେଟିଙ୍ଗ ପାଇଁ ସ୍ୱାବ୍ କଲେକ୍ସନ ଓ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାବ୍ କଲେକ୍ସନ ସହିତ ଫ୍ଲୁ ଜନୀତ ଓପିଡି ଚିକିତ୍ସା ବ୍ୟବସ୍ଥା ଆଦି ପ୍ରତିଷେଧମୂଳକ ବ୍ୟବସ୍ଥାର ଅନୁଧ୍ୟାନ କରି ସଂପୃକ୍ତ କୋଭିଡ୍ ଯୋଦ୍ଧା, ଆଶା, ଏଏନ୍ଏମ୍, ଅଙ୍ଗନଓ୍ୱାଡି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାଠସିରିସି ଗ୍ରାମ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରମୁଖ ଶାସନ ସଚିବ ତଥା ଜିଲ୍ଲା କୋଭିଡ୍ ପର୍ଯ୍ୟବେକ୍ଷକ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଓ କ୍ଷେତ୍ର ଅନୁଧ୍ୟାନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୟୁରଭଞ୍ଜ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ମୟୂରଭଞ୍ଜ ବିବେକାନନ୍ଦ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୁପଭାନୁ ମିଶ୍ର, ପ୍ରମୁଖ ସମେତ ବିଡିଓ କୁଳିଅଣା ଦେବାଶିଷ ମହାପାତ୍ର, ଗାଙ୍ଗରାଜ୍ ଗ୍ରା.ପ ସରପଂଚ ସ୍ୱାଗତିକା ନାଏକ, କୁଳିଅଣା ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରୀ, କୁଳିଅଣା ବ୍ଲକ ସହକାରୀ ନର୍ବାହୀ ଯନ୍ତ୍ରୀ, ଯୋଗାଣ ସହାୟକ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ପଂଚାୟତର ୱାର୍ଡ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ୨ବର୍ଷ ପରେବି ସରିଲାନି ଆମ ଗାଁ ଆମ ବିକାଶ ଗୃହ



**ଭଦ୍ରକ :** କାର୍ଯ୍ୟାରମ୍ଭର ୨ବର୍ଷ ପୁରିଲା ତଥାପି ସରିଲାନି ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଗୋଷ୍ଠୀ କେନ୍ଦ୍ର । ଏହି ପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଂଚ୍ୟତ ୪ନଂ ୱାର୍ଡ଼ ଅର୍ନ୍ତଗତ ବିଶଲକଣା ଗ୍ରାମ ଠାରେ । ଉକ୍ତ ଗ୍ରାମରେ ରାଜ୍ୟ ସରକାରଙ୍କ ପଂଚ୍ୟତ ରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଆମ ଗାଁ ଆଗ ବିକାଶ ଯୋଜନାରେ ପଂଚ୍ୟତ ସମିତି ବନ୍ତ ପକ୍ଷରୁ ୧୩.୮.୨୦୧୮ରେ ଏକ ଗୋଷ୍ଠୀକେନ୍ଦ୍ରର କାର୍ଯ୍ୟାରମ୍ଭ କରାଯାଇଥିଲା । କିନ୍ତୁ ୨ବର୍ଷ ପରେ ମଧ୍ୟ ଉକ୍ତ ଗୃହ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ସୂଚନା ଅନୁଯାୟୀ : ସରକାରଙ୍କ ପକ୍ଷରୁ ପ୍ରତି ଗ୍ରାମରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଏବଂ ଏଥି ନିମନ୍ତେ ସରକାର ଆମ ଗାଁ ଆମ ବିକାଶ ଯୋଜନା ମାଧ୍ୟମରେ ଏହି ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେଉଛନ୍ତି । କାର୍ଯ୍ୟଦେଶ ପାଇବାର ୬ମାସ ମଧ୍ୟରେ ଗୋଷ୍ଠୀକେନ୍ଦ୍ର ଗୃହ ସଂପୂର୍ଣ୍ଣ କରିବା ପାଇଁ ସରକାର ଲକ୍ଷ ଧାର୍ଯ୍ୟ କରିଥିଲେ ସୁଦ୍ଧା ଗୃହ ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହିନତା ଯୋଗୁଁ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ଗୃହଟିର କାର୍ଯ୍ୟ ଶେଷ ହୋଇପାରି ନାହିଁ । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସମନ୍ୱୟର ଅଭାବଯୋଗୁଁ ଏହିପରି ଅସୁବିଧା ଉପୁଜୁଥିବାର ଜଣାପଡ଼ିଛି । ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କା ବିନିମୟ କରି ଗ୍ରାମର ଉନ୍ନତି ପାଇଁ ଚେଷ୍ଟିତ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନା ସଫଳ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ୫ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏହି କେନ୍ଦ୍ରର ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବପର ହୋଇପାରି ନଥିଲା । କେନ୍ଦ୍ର ଗୃହଟିକୁ ଯଥା ଶୀଘ୍ର ଶେଷ କରିବା ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା



ଅକ୍ଷୟ କୁମାର ରାଉତ



ଦେଶଭକ୍ତ,ଚିନ୍ତାନାୟକ ,ମାତୃଭକ୍ତ, ପରୋପକାରୀ,ମାନବପ୍ରେମୀ,ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀ ଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ। ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କର ଙ୍କୁ ପୂଜା ଆରଧନା କରୁଥିବାରୁ ପ୍ରଥମ ପୁତ୍ର ର ନାମ ଶଙ୍କର ଦୟାଲ ଦେଇଥିଲେ। ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ। ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଈ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ ବାଈ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ,ଶିବ,ଇଶ,ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା , ମା ସମ୍ପତ୍ ଊଣା କରୁ ନଥିଲେ। ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ,ପରିବାରରେ ସର୍ବଦା ପୂଜା-ପାଠ,ବ୍ରତ,ଉପବାସ,ନାମ କୀର୍ତନ ଚାଲିଥାଏ।ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା। ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ। ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ କରିଥାଏ। ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲପାଠପଢା ଆରମ୍ଭ କରିଥିଲେ। ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ। ଭୋପାଳରେ ରହି ସେ ଆଇ.ଏ. ପରିକ୍ଷାରେ ଉତୀର୍ଣ୍ଣ ହେଲେ। ଆଗ୍ରାର ସେଣ୍ଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ,କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ।ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲେ। ସେଠାରେ ସେ ହିନ୍ଦି,ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ। ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍.ଉପାଧି ଲାଭ କଲେ। ପାଠପଢା ପରେ ସେ ସେହି ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନ କରିଥିଲେ।ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା। ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ। ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା ,ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍ଟରେଟ ଉପାଧି ଲାଭ କଲେ । ହାୱାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ।ଲେକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ଅଧାପନା କଲେ।



ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ। ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ।ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା ଦେବୀ ଙ୍କ ସହିତ କରିଥିଲେ।ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ। ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ।ସେ ଜଣେ ଧର୍ମ ପରାୟଣା ,ପତିବ୍ରତା ନାରୀ ଥିଲେ। ଶଙ୍କର ଦୟାଲ ଙ୍କ ରାଜନୈତିକ ଜୀବନ ସାଥୀ ଥିଲେ। ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ।ଖାଇବା ପୂର୍ବରୁ ଖାଦ୍ୟକୁ ଇଶ୍ୱରଙ୍କୁ ସମର୍ପଣ କରୁଥିଲେ। ଧର୍ମ ନାମରେ ଛୁଆଁ ଅଛୁଆଁ କୁ ସେ ବିଶ୍ୱାସ କରୁନ୍ତି ନାହିଁ। ଛୋଟ ବେଳୁ ଶଙ୍କର ଦୟାଲଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ।ଯେଉଁ ସମୟରେ ଗାନ୍ଧି ଟୋପି ପନ୍ଧିବାକୁ ଲୋକେଭୟ କରୁଥିଲେ ସେହିସମୟରୁସେ ଟୋପିପିନ୍ଧୁଥିଲେ। ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି। ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ। ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜ ଙ୍କୁ ସମର୍ଥନ କରୁଥିଲେ। ଭି.ପି.ମେନନ୍ ମଧ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ। ଏହିଭଳି ପରିସ୍ଥିତି ଭିତରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା। ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ।ଏହିଖବର ପାଇ ମା ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇ ପଡିଲେ। ଅତ୍ୟାଚାରି ନବାବର କଠୋର ଶାସନ ମା ମନକୁ ଶଙ୍କିତ କରୁଥିଲା। ଆନ୍ଦୋଳନରେ ଶଙ୍କର ଦୟାଲ ଙ୍କ ସହିତ ଲାଲ ସିଂହ,ଭୈରବ ପ୍ରସାଦ ଓ ଉଦ୍ଧବ ଦାସ,ମେହେଟ୍ଟା ମଧ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନବାବ ଆନ୍ଦୋଳନ କାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ। ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ। ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର ମାନିଲେ। ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା।୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା। ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ। ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ।ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେଙ୍କ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ।ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା,ଲୋକନିର୍ମାଣ,ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ। ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧକ୍ଷ ଭାବେ ସେ ନିର୍ବାଚିତ ହେଲେ। ଏସ୍.ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ନିଜଲିଙ୍ଗପା ଓ ଇନ୍ଦିରାଗାନ୍ଧୀ ଙ୍କ ମଧରେ ମତ ପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା। ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆର)ରେ ଯୋଗ ଦେଲେ। ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧକ୍ଷ ହେଲେ। ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା। ଅଧକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ।

ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ।ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ମହାରାଷ୍ଟ୍ର ର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ।ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀ ମାନେ ତାଙ୍କ ଝିଅ ଗୀତାଞ୍ଜଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ।ଏହି ଦୁଃଖ କୁ ସେ ଧୈର୍ଯ୍ୟ ର ସହିତ ସହିଗଲେ।୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ।ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ । ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି। ସେ ଆଉ ପୁଅ ମନ ପସନ୍ଦର ଲଡୁ,ବାଇଗଣ ଭର୍ତା,ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି। ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବ । ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର୍ ଶଙ୍କର ଦୟାଲ ଶର୍ମା। ଶଙ୍କର ଦୟାଲ ଶର୍ମା। ରାଷ୍ଟ୍ରପତି ନିର୍ବାଚନରେ ରାମଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ସମୟର ସଦୁପେଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା। ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି। ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ। ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ ବୁଝୁଥିଲେ। ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୧୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ। ସବୁଦିନପାଇଁ ରାଷ୍ଟ୍ରପତିଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟ ରେମନ ପ୍ରାଣ ଢାଳୀ ଦେଲେ। ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା । ଡାକ୍ତର ଙ୍କର ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ। ଶଙ୍କର ଦୟାଲ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତ ମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ।

*ପାରାଦ୍ୱୀପ ଗଡ,କୁଜଙ୍ଗ,ଜଗସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

# ତିହୁଡ଼ିର ଔଷଧୀୟ ଗୁଣ ଓ ଚାଷ ପ୍ରଣାଳୀ



ନଳିନୀ କୁମାର ପଣ୍ଡା

***ତିହୁଡ଼ିର ଔଷଧୀୟ ଗୁଣ :***

ସାଧାରଣତଃ ରାସ୍ତାକଡ଼, କେନାଲ ବନ୍ଧ, ଜଙ୍ଗଲ ଆଦି ସ୍ଥାନମାନଙ୍କରେ ତିହୁଡ଼ି ଦେଖାଯାଏ ଓ ଏହାକୁ ସଂସ୍କୃତରେ ତ୍ରିପୁଟା କହନ୍ତି ଓ ବିଭିନ୍ନ ଅଂଚଳରେ ଲୋକମାନେ ଏହାକୁ ନିଶୋଥ, ଟାଙ୍ଗିଆ ଚେର, ତିହୁଡ଼ି ଆଦି ନାମରେ ଜାଣନ୍ତି ଓ ଏହା ଏକ ବର୍ଷବ୍ୟାପୀ କ୍ଷୀରଯୁକ୍ତ ଆରୋହୀ ଓ ଏହାର ଚେର ଗୁଡିକ ଲମ୍ବା, ପତଳା, ମାଂସଳ ଓ ବହୁ ଶାଖାଯୁକ୍ତ ଓ କାଣ୍ଡ ଗୁଡ଼ିକ ଲମ୍ବା, କ୍ଷିପ୍ର ବେଗି, କୋଣିଆ ଓ ଗୋଡ଼ାଗୋଡ଼ି ହୋଇ ରହିଥାଏ ଓ ଏହାର ପତ୍ର ଗୁଡ଼ିକ ୫ - ୧୦ ସେ.ମି. ଲମ୍ବା ଓ ୧.୩ - ୭ ସେ.ମି. ଓସାର ବିଶିଷ୍ଟ ହୋଇଥାଏ ଓ ଏଥିରେ ବର୍ଷକୁ ଦୁଇଥର ସେପଟ୍ମ୍ବେର ରୁ ନଭେମ୍ବର ଏବଂ ମାର୍ଚ୍ଚ ରୁ ମେ ମାସରେ ଫୁଲ ଓ ଫଳ ଆସିଥାଏ ଓ ଏହାର ଚେର, ଚେରଚର୍ମ ଓ କାଣ୍ଡ ଗୁଡ଼ିକ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଥାଏ ଓ ଆସନ୍ତୁ ଆମେ ଏହାର ଆଉ କେତେକ ଔଷଧୀୟ ଗୁଣ ବିଷୟରେ ଜାଣିବା : ୧) ସାଧାରଣ ବାତକୁ ଭଲ କରିବା ପାଇଁ ତିହୁଡ଼ି ଚେରର ଗୁଣ୍ଡକୁ ଶୁଣ୍ଠୀ, କଳାଲୁଣ, ପିପଳୀ ଓ ଛୋଟ ହରିଡ଼ା ଗୁଣ୍ଡ ସହିତ ପାନ କରାଯାଏ ଓ ୨) ତିହୁଡ଼ି ଯକୃତକୁ ସୁରକ୍ଷା ପ୍ରଦାନ କରିଥାଏ ଓ ଜୀର୍ଣ୍ଣ ଜ୍ୱର ସମସ୍ୟାକୁ ଦୂର କରିବା ପାଇଁ ତିହୁଡ଼ି ଚୂର୍ଣ୍ଣ ସହିତ ଶୁଣ୍ଠୀ ଗୁଣ୍ଡ ମିଶାଇ ଅଧା ଚାମଚ ଗୁଡ଼ ସହ ଖାଇଲେ ଲାଭ ମିଳିଥାଏ ଓ ୩) ବିଶେଷତଃ ଜଳଦର ଓ ସାଧାରଣ ବାତ ରୋଗ ଭଲ କରିବା ପାଇଁ ତିହୁଡ଼ିର ବ୍ୟବହାର କରାଯାଏ ଓ ୪) ବଡ଼ ହରିଡ଼ା ଖଣ୍ଡ ସହିତ ତିହୁଡ଼ି ଗୁଣ୍ଡକୁ ମିଶାଇ ଖାଇଲେ ଉନ୍ମାଦ, ପାଗଳା ପଣ, ହିଷ୍ଟ୍ରିଆ ଆଦି ସମସ୍ୟା ଦୂର ହୋଇଥାଏ ଓ ୫) ଆୟୁର୍ବେଦ ଅନୁସାରେ ତିହୁଡ଼ି ବାତ ଜନକ, ମଧୁର, କଟୁପାକି ତଥା ସଂଗ୍ରହଣୀ, ପ୍ଲୀହା, କୃମି, ତିଲ୍ଲୀ ବା ହୃଦୟ ରୋଗକୁ ଦୁରକରିବାରେ ସକ୍ଷମ ହୁଏ ଓ ୬)ଏହା ଉଦାସ ପ୍ରବୃତି ଓ ବାତ ରୋଗ ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ ଓ ୭) ଏହା କଫ ସମସ୍ୟାକୁ ଦୂର କରିବା ପାଇଁ ସକ୍ଷମ ହୋଇଥାଏ ଓ ୮) ହରିଡ଼ା ସହିତ ତିହୁଡ଼ିକୁ ସେବନ କରିବା ଦ୍ୱାରା ପକ୍ଷାଘାତ ଓ କୁଷ୍ଠ ରୋଗ ଭଲ ହୋଇଥାଏ ଓ ୯) ଆମାଶୟ ଖରାପ ଜନିତ କାଶହେଲେ, ତିହୁଡ଼ି ସେବନ ଦ୍ୱାରା ଠିକ ହୋଇଯାଇଥାଏ ଓ ୧୦) ତିହୁଡ଼ି କଫକୁ ପତଳାକରି ଶରୀରରୁ ନିଷ୍କାଶନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ମୃତିକା ଓ ଜଳବାୟୁ :- ଏହା ଗ୍ରୀଷ୍ମ ମଣ୍ଡଳୀୟ ଶୁଷ୍କ ଓ ଆଦ୍ର ଜଳବାୟୁ ଅଂଚଳରେ ଦେଖାଯାଏ ଓ ଏହା ଓଦାଳିଆ ଓ ଛାଇଥିବା ସ୍ଥାନରେ ଏବଂ ବାଲିଆ ଦୋରସା ଓ କାଦୁଆ ଦୋରସା ମାଟିରେ ଭଲ ବଢିଥାଏ ।

କିସମ:- ଏହାର କିଛି ପ୍ରାମାଣିକ କିସମ ନାହିଁ, କିନ୍ତୁ ବାହ୍ୟତଃ ଏହା ତିନି ପ୍ରକାରର ଯଥା: ଧଳା, କଳା ଓ ନାଲି ତିହୁଡ଼ି ଓ ଔଷଧୀୟ ଗୁଣ ଦୃଷ୍ଟିରୁ ଧଳା ତିହୁଡ଼ି କୁ ସବୁଠାରୁ ଭଲ ବୋଲି ବିବେଚନା କରାଯାଏ ।

ନର୍ସରୀ ପ୍ରସ୍ତୁତି:- ୧୦ ସେ.ମି.ବିଶିଷ୍ଟ କାଣ୍ଡ କଲମୀ ହେଉଛି ତିହୁଡ଼ି ଚାରା ତିଆରି କରିବାର ସର୍ବୋତ୍କୃଷ୍ଟ ପଦ୍ଧତି ଓ କଲମୀ ଗୁଡ଼ିକରେ ସର୍ବନିମ୍ନ ଦୁଇଟି ଗଣ୍ଠିଥିବା ଉଚିତ ଓ ଚେର ବାହାରିବା ପାଇଁ ଏହି କଲମୀ ଗୁଡ଼ିକୁ ଜରିମୁଣା, ପଟ୍ଟାଳି କିମ୍ବା ସିଧାସଳଖ ମିଷ୍ଟ ଚାମ୍ବର ରେ ଲଗେଇ ଦିଆଯାଏ ଓ ଜରିମୁଣା ରେ ସମାନ ଅନୁପାତର ବାଲି, ମାଟି ଓ ଗୋବର ଖତର ମିଶ୍ରଣକୁ ଭର୍ତି କରାଯାଏ ଓ ମାର୍ଚ୍ଚ - ଜୁନ ହେଉଛି ମିଷ୍ଟ ଚାମ୍ବରରେ ଚାରା ତିଆରି କରିବାର ସବୁଠାରୁ ଭଲ ସମୟ ଓ ଜୁଲାଇ ମାସରେ କାଣ୍ଡ କଲମୀ ଗୁଡ଼ିକୁ ଜମିରେ ବି ଲଗାଯାଇ ପାରେ ଓ ଚାରା ଗୁଡ଼ିକୁ ମଞ୍ଜିରୁ ମଧ ପ୍ରସ୍ତୁତ କରାଯାଇ ପାରେ, ଯେଉଁଥିରେ ମଞ୍ଜି ଗୁଡ଼ିକ ଏପ୍ରିଲ - ମେ ରେ ସଂଗ୍ରହ ହେବାପରେ ତୁରନ୍ତ ଜରିମୁଣାରେ



ପକାଯାଇଥାଏ ଓ ଶଯ୍ୟାରେ ମଞ୍ଜି ପଡ଼ିବାର ୭ - ୧୦ ଦିନ ମଧ୍ୟରେ ଗଜା ବାହାରିଥାଏ ।

ମଞ୍ଜି ପରିମାଣ ଓ ଉପଚାର :- ୧ ହେକଟର ଜମିରେ ଚାରା ଲଗେଇବା ପାଇଁ ପ୍ରାୟ ୨ କି.ଗ୍ରା.ମଞ୍ଜି ଦରକାର ହୋଇଥାଏ ଓ ମଞ୍ଜି ଗୁଡ଼ିକୁ ୨୪ ଘଣ୍ଟା ପାଣିରେ ବତୁରେଇ ରଖିବା ପରେ ବାଲି କାଗଜରେ ଘଷି ବୁଣିଲେ ପ୍ରାୟ ୯୫ ପ୍ରତିଶତ ଗଜା ହୋଇଥାଏ ।

ଜମି ପ୍ରସ୍ତୁତି ଓ ସାର ପ୍ରୟୋଗ:- ତିହୁଡ଼ି ଜଳଜମୁଥିବା ସ୍ଥାନ ପ୍ରତି ସମ୍ବେଦନଶୀଳ ହୋଇଥିବାରୁ ମାଟିରେ ଉତ୍ତମରୂପେ ବାୟୁ ଚଳାଚଳ ଓ ଜଳ ନିଷ୍କାସନ କରିବା ପାଇଁ ଜମିକୁ ଭଲ ଭାବରେ ହଳକରି ପଟା ଦ୍ୱାରା ଦୁଇ ଥର ମଇ ମରାଯାଏ ଓ ଜୁନ ମାସରେ ଜମି ପ୍ରସ୍ତୁତି ସମୟରେ ହେକଟର ପିଛା ପ୍ରାୟ ୨ ଟନ ଗୋବର ଖତ ମାଟିରେ ମିଶାଯାଏ।

ପରିରୋପଣ ଓ ଉପଯୁକ୍ତ ବ୍ୟବଧାନ:- ଚେର ଥିବା କଲମୀ ବା ଚାରା ଗୁଡିକୁ ଭଲ ଭାବରେ ପ୍ରସ୍ତୁତ କରାଯାଇଥିବା ଜମିରେ ୩୦ ସେ.ମି.ଘ୩୦ ସେ.ମି. ଦୂରତାରେ ଲଗାଯାଏ ଓ ଏହିପରି ଭାବରେ ପ୍ରତି ହେକଟରରେ ପାଖାପାଖି ୧,୧୦,୦୦୦ ଚାରା ଲାଗିଥାଏ ଓ ଜମିରେ ପାଣିଠିଆହୋଇ ଚାରା ଗୁଡ଼ିକ ନମରିବା ପାଇଁ ତାହାକୁ ହୁଡ଼ା ଉପରେ ଲଗାଯାଏ ।

ଆନ୍ତଃ ଫସଲର ବ୍ୟବସ୍ଥା:- ଏହା ଏକ ଛାୟାପ୍ରେମୀ ଆରୋହୀ ଓ ଗୁଡ଼ଇହେବା ପାଇଁ ସାହାରା ଆବଶ୍ୟକ କରୁଥିବାରୁ ଏହାକୁ ବଗିଚାରେ ମଧ୍ୟରେ ବଡ ଗଛ ମୂଳରେ ବା ବାଡ଼-ବୁଦା ପାଖରେ ତଳଫସଲ ଭାବରେ ଲଗାଯାଏ ।

ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ:- ଆଗରୁ କୁହାଯାଇଛି ଯେ ଜୁନ ମାସରେ ବର୍ଷା ପୂର୍ବରୁ ଜମି ପ୍ରସ୍ତୁତି ସମୟରେ ହେକଟର ପିଛା ପ୍ରାୟ ୨ ଟନ ଗୋବର ଖତ ମାଟିରେ ମିଶାଯାଏ, ଏହା ବ୍ୟତୀତ ଆଉକିଛି ସାର ଏଥିରେ ଦରକାର ହୁଏ ନାହିଁ ଓ ଚାରା ଲାଗିବା ପରେ ଏବଂ ପ୍ରତି ୧୫ ଦିନ ଅନ୍ତରରେ ହାତ ଦ୍ୱାରା ନିୟମିତ ଘାସ ବଛାବଛି କରାଯାଏ ।

ଜଳସେଚନ:- ବର୍ଷା ଋତୁରେ ଜଳସେଚନ କ୍ୱଚିତ ଦରକାର ହୁଏ, କିନ୍ତୁ ଶୁଷ୍କ ସମୟରେ ଡିସେମ୍ବର - ଜାନୁଆରୀ ମାସ ଯାଏଁ ପାଞ୍ଚ ରୁ ସାତ ଦିନ ଅନ୍ତରରେ ଏଥିରେ ମଡ଼ା ପାଣି ଦିଆଯାଏ ।

ଫସଲ ପରିପକ୍ୱତା ଓ ଅମଳ:- ଜମିରେ ଚାରା ଲଗାଯିବାର ୧୦ - ୧୨ ମାସ ପରେ ଏହାକୁ ଅମଳ କରାଯାଏ ଥାଏ ଓ ଗଛ ଗୁଡ଼ିକ ଶୁଷ୍କହେବା ଆରମ୍ଭ ହେଉଥିବାରୁ ମାର୍ଚ୍ଚ - ଏପ୍ରିଲ ହେଉଛି ଏହାର ଚେର,କାଣ୍ଡ ଓ ପତ୍ର ଅମଳ କରିବାର ସର୍ବୋତ୍କୃଷ୍ଟ ସମୟ ।

ଅମଳ ପରର ପକ୍ରିୟାକରଣ:- ସଦ୍ୟ ସଂଗ୍ରହ କରାଯାଇଥିବା ଚେର ଗୁଡ଼ିକୁ ଭଲଭାବରେ ସ୍ୱଚ୍ଛ ପାଣିରେ ଧୁଆଯାଏ ଏବଂ ପ୍ରାରମ୍ଭରେ ଦୁଇ ରୁ ତିନି ଦିନ ଖରାରେ ଶୁଖାଯାଇ ପରେ ୧୦ ଦିନ ପର୍ଯ୍ୟନ୍ତ ଛାଇରେ ଶୁଖାଯାଏ, ଯେମିତିକି ତାହାର ଜଳୀୟଅଂଶ ୮ % ରୁ କମହେବ ।

ଅମଳ ଓ ଲାଭ:- ତିହୁଡ଼ି ଚାଷରୁ ୧୦ ମାସ ପରେ ଏକ ହେକଟରରୁ ପ୍ରାୟ ୧୫୦୦କି.ଗ୍ରା. ଶୁଖିଲା ଚେର ଅମଳ କରାଯାଏ ଓ କାଣ୍ଡକୁ ଭବିଷ୍ୟତରେ ବଂଶ ବିସ୍ତାର ପାଇଁ ଛାଡ଼ି ଦିଆଯାଏ ଓ ପ୍ରଥମ ଫସଲରେ ହେକଟର ପିଛା ୫୦,୦୦୦.୦୦ ଟଙ୍କା ନିବେଶ କରିବା ପାଇଁ ପଡ଼େ, ଯାହାକି ପରବର୍ତ୍ତୀ ବର୍ଷ ମାନଙ୍କରେ ହେକଟର ପିଛା ୨୫,୦୦୦.୦୦ ଟଙ୍କା ହୋଇଥାଏ କାରଣ ପରବର୍ତୀ ଫସଲ ପାଇଁ ଦରକାର ହେଉଥିବା ଚାରା ବା ମଞ୍ଜି ପ୍ରଥମ ଫସଲରୁ ମିଳିଯାଇଥାଏ ଓ ଏଥିରୁ ଏକ ହେକଟରରୁ ପ୍ରାୟ ୯୦,୦୦୦.୦୦ ରୁ ୧,୦୫,୦୦୦.୦୦ ଟଙ୍କା ଲାଭ ମିଳିଥାଏ ।

*ବନ ଗବେଷକ, ଓ.ୟୁ.ଏ.ଟି*
*ଦୂରଭାଷ : ୮୦୧୮୧୮୮୧୨୮*



# ‘ସତର୍କ ରହି ଲଢ଼େଇ ଜାରି ରଖ’

**ଭୁବନେଶ୍ୱର :** କେନ୍ଦ୍ରାପଡା ଜିଲ୍ଲାରେ କରୋନା ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ତଥା ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଯେଭଳି ନିଷ୍ଠା ଓ ଉତ୍ସର୍ଗୀକୃତ ଭାବରେ ସେବା କରୁଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତା’ର ଉଚ୍ଚ ପ୍ରଶଂସା କରିବା ସହିତ ସେମାନଙ୍କ ଭଲ କାମ ପାଇଁ ଧନ୍ୟବାଦ ଜଣାଇଥିଲେ। ଭିଡିଓ କନଫରେନ୍ସିଂ ଜରିଆରେ ଜିଲ୍ଲାର ବିଧାୟକ ଓ ସରପଞ୍ଚମାନଙ୍କ ସହିତ କରୋନା ସ୍ଥିତି ସମ୍ପର୍କରେ ଆଲୋଚନା ଅବସରରେ ବିଜୁ ବାବୁଙ୍କ କଥା ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯଦି ବିଜୁବାବୁ ଆଜି ବଞ୍ଚିଥାନ୍ତେ, ତେବେ ସରପଞ୍ଚମାନେ ଲୋକଙ୍କ ପାଇଁ ଯେଭଳି ଭଲ କାମ କରୁଛନ୍ତି, ତାହା ଦେଖି ବହୁତ ଖୁସି ହୋଇଥାନ୍ତେ। ସେମାନଙ୍କର ଏହି ଭଲ କାମ ପାଇଁ ସେ ଗର୍ବିତ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କରୋନା ବିରୁଦ୍ଧରେ ଚାଲିଥିବା ଏହି ଲମ୍ବା ଲଢ଼େଇରେ ଆଗକୁ ସତର୍କ ରହି କାମ କରିବା ପାଇଁ ସରପଞ୍ଚ ମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲ୍ଲାରେ କରୋନା ସଂକ୍ରମଣରୁ ଆରୋଗ୍ୟ ହାର ରାଜ୍ୟରେ ସର୍ବାଧିକ ୭୭% ରହିଥିବା ବେଳେ ମୃତ୍ୟୁ ହାର ୦.୩୩% ରହିଛି, ଯାହା କି ସାରା ଦେଶରେ ସର୍ବନିମ୍ନ। ସେହିପରି କେନ୍ଦ୍ରାପଡାରେ ସଂକ୍ରମଣ ହାର ୨.୨୫% ଅଟେ, ଯାହା କି ରାଜ୍ୟରେ ସବୁଠାରୁ କମ୍। ସରପଞ୍ଚମାନଙ୍କୁ ଦିଆଯାଇଥିବା ଜିଲ୍ଲାପାଳ କ୍ଷମତାକୁ ସେମାନେ ଦକ୍ଷତାର ସହ କରୋନା ନିୟନ୍ତ୍ରଣରେ ଉପଯୋଗ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ଉପରେ ତାଙ୍କର ଭରସାକୁ ଆହୁରି ଦୃଢ଼ କରିଛି ବୋଲି ମତ ଦେଇଥିଲେ। କେନ୍ଦ୍ରାପଡାକୁ ଏହି ସମୟ ମଧ୍ୟରେ ଅନ୍ୟ ରାଜ୍ୟରୁ ପ୍ରାୟ ୫୫ ହଜାର ଭାଇଭଉଣୀ ଫେରିଥିଲେ ମଧ୍ୟ ସମସ୍ତଙ୍କ ସହଯୋଗରେ କରୋନା ପରିଚାଳନା କାର୍ଯ୍ୟ ଯେଭଳି ଜାରି ରହିଛି, ସେଥିରେ କେନ୍ଦ୍ରାପଡା ଓଡ଼ିଶାରେ ଏକ ଆଦର୍ଶ ଜିଲ୍ଲା ହୋଇପାରିଛି। କେନ୍ଦ୍ରାପଡା ପ୍ରତି ସେ ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆସିଛନ୍ତି ବୋଲି ପ୍ରକାଶ କରିଥିଲେ ଏବଂ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ସୁବିଧା ପାଇଁ ଜିଲ୍ଲାର ପ୍ରତି ବ୍ଲକକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଗୋଟିଏ ଲେଖାଏ ଭେଣ୍ଟିଲେଟରଯୁକ୍ତ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ସେହିପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହୋଇଥିବା ସବୁ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହୋଇଥିବା ସବୁ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ତୁରନ୍ତ ରେସନ୍ କାର୍ଡ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଲଘୁଚାପଜନିତ ବର୍ଷା ଜାରି ରହିଥିବାରୁ କେନ୍ଦ୍ରାପଡା ଜିଲ୍ଲାର ଆବଶ୍ୟକତାକୁ ଭିତ୍ତିକରି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ବର୍ତ୍ତମାନ ବଡ ଧରଣର ବନ୍ୟାର ଆଶଙ୍କା ନାହିଁ ଏବଂ ଜଳାବଦ୍ଧ ସମସ୍ୟା ଦୂର କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରାପଡାରେ କରୋନା ନିୟନ୍ତ୍ରଣ ସହିତ ବିକାଶ କାର୍ଯ୍ୟ ରଖିବାରେ କୌଣସି ଅସୁବିଧା ନାହିଁ ବୋଲି ଆଲୋଚନାରେ ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଧାୟକଗଣ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଲୋକ ପ୍ରତିନିଧିମାନେ ଭାଗ ନେଇ ସେମାନଙ୍କର ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, କେନ୍ଦ୍ରାପଡାର କୋଭିଡ୍ ଅବଜରଭର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।




# ସଂକ୍ରମଣ ବୃଦ୍ଧିର କାରଣ ଖୋଜ : ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର :** କୋଭିଡ୍ ସଂକ୍ରମଣ ବୃଦ୍ଧିର ନିର୍ଦ୍ଦିଷ୍ଟ କାରଣ ନିର୍ଣ୍ଣୟ କରି ତଦନୁଯାୟୀ ନିଜ ନିଜର ରଣକୌଶଳ ପୁନଃନିର୍ଦ୍ଧାରଣ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ସମସ୍ତ ଜିଲ୍ଲାପାଳମାନଙ୍କ ସହ ଡିଜିଟାଲ ମୋଡ୍‌ରେ ସମୀକ୍ଷା କରି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ କହିଥିଲେ ଯେ ସଂକ୍ରମଣ ବୃଦ୍ଧିର ହାର ଓ କାରଣ ଅଞ୍ଚଳ ଭିତ୍ତିରେ ଭିନ୍ନ ଭିନ୍ନ ହୋଇପାରେ। ଗ୍ରାମାଞ୍ଚଳରେ ସଂକ୍ରମଣ ବୃଦ୍ଧିର କାରଣ ସହରାଞ୍ଚଳଠାରୁ ଅଲଗା। ପଡ଼ୋଶୀ ରାଜ୍ୟ ସହ ସଂଲଗ୍ନ ଅଞ୍ଚଳରେ ସଂକ୍ରମଣ କାରଣ ମଧ୍ୟ ସ୍ୱତନ୍ତ୍ର। ଗ୍ରାମାଞ୍ଚଳ ଅର୍ଥନୈତିକ ଅଭିବୃଦ୍ଧି ଅଞ୍ଚଳରେ ଦ୍ରୁତ ସଂକ୍ରମଣ ପ୍ରତିରୋଧ ପାଇଁ ସ୍ୱତନ୍ତ୍ର କୌଶଳ ଦରକାର। ଏସବୁ ଦୃଷ୍ଟିରୁ ଜିଲ୍ଲାପାଳମାନେ ନିଜ ନିଜର ଜିଲ୍ଲା ପାଇଁ ପ୍ରଯୁଜ୍ୟ ନୂତନ ରଣକୌଶଳ ପ୍ରସ୍ତୁତ କରିବା ଆବଶ୍ୟକ। ଆସନ୍ତା ୧ ସପ୍ତାହ ମଧ୍ୟରେ ଗ୍ରାମାଞ୍ଚଳରେ ସଂକ୍ରମଣ ବୃଦ୍ଧି ନିୟନ୍ତ୍ରଣ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଅନ୍ୟ ରୋଗ ଥିବା କୋଭିଡ୍ ପଜିଟିଭ୍ ରୋଗୀମାନେ ଗୁରୁତର ସ୍ଥିତିର ସମ୍ମୁଖୀନ ହେବା ସମ୍ଭାବନା ଅଧିକ। ତେଣୁ ସେମାନଙ୍କୁ ଠିକ୍ ସମୟରେ କୋଭିଡ୍ କେୟାର ସେଣ୍ଟରକୁ ଆଣି ଚିକିତ୍ସା ଯୋଗାଇଦେବା ନିମନ୍ତେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ ଯେ ଗୁରୁତର ରୋଗୀମାନଙ୍କ ଚିକିତ୍ସା ବିଷୟରେ ଆବଶ୍ୟକୀୟ ପରାମର୍ଶ ଦେବା ପାଇଁ ବର୍ତ୍ତମାନ ରାଜ୍ୟରେ ଅଭିଜ୍ଞ ମେଡିକାଲ ପ୍ରଫେସରମାନଙ୍କର ଏକ ବିଶେଷଜ୍ଞ କମିଟି କାର୍ଯ୍ୟ କରୁଛି। ଜିଲ୍ଲାସ୍ତରରେ ଗୁରୁତର ରୋଗୀ ଚିକିତ୍ସା କରୁଥିବା ଡାକ୍ତରମାନେ ଏହି କମିଟି ସହ ସକ୍ରିୟ ଯୋଗାଯୋଗ କରି ମୃତ୍ୟୁହାର କମାଇବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ବିଭିନ୍ନ ଜିଲ୍ଲାର ସଂକ୍ରମଣ ହାର ବିଷୟରେ ତୁଳନାତ୍ମକ ଅନୁଶୀଳନ ଉପସ୍ଥାପନା କରିବା ସହ ଲକ୍ଷଣହୀନ ବା ସାମାନ୍ୟ ଲକ୍ଷଣମୁକ୍ତ ବ୍ୟକ୍ତିମାନଙ୍କ ପାଇଁ ‘ହୋମ୍ ଆଇସୋଲେସନ୍’ ବ୍ୟବସ୍ଥା ବ୍ୟାପକ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ ‘କ୍ରିଟିକାଲ’ ଚିକିତ୍ସା ଦରକାର କରୁଥିବା ଲୋକମାନଙ୍କ ପାଇଁ କୋଭିଡ୍ ହସ୍ପିଟାଲ ବେଡ୍ ସର୍ବଦା ଉପଲବ୍ଧ ହେବା ଦରକାର। ଉପଯୁକ୍ତ ହୋମ୍ ଆଇସୋଲେସନ୍ ଏବଂ ଡାକ୍ତରଙ୍କର ରୋଗୀମାନଙ୍କ ସହ ଦୈନିକ ଯୋଗାଯୋଗ ଲକ୍ଷଣହୀନ ରୋଗୀମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଅଧିକ ଫଳପ୍ରଦ ହେବ। ଗଞ୍ଜାମ ଜିଲ୍ଲା ପ୍ରଶାସନର ରଣକୌଶଳ ସଂକ୍ରମଣ ହାର କମାଇବାରେ ସଫଳ ହୋଇଛି ବୋଲି ସମୀକ୍ଷାରୁ ଜଣାପଡ଼ିଥିଲା। ରାୟଗଡ଼ା, ସୁନ୍ଦରଗଡ଼, କଟକ, ଖୋର୍ଦ୍ଧା ଆଦି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମେତ ଭୁବନେଶ୍ୱର ପୌରନିଗମ କମିଶନର ନିଜ ନିଜ ଅଞ୍ଚଳର କୋଭିଡ୍ ସ୍ଥିତି ଏବଂ ଗ୍ରହଣ କରାଯାଇଥିବା ରଣକୌଶଳ ବିଷୟରେ ଅବଗତି କରାଇଥିଲେ। ଲୋକମାନଙ୍କ ମଧ୍ୟରେ ଅଧିକ ସହଯୋଗୀ ମନୋଭାବ ଏବଂ ପ୍ରତିବଦ୍ଧତା ସୃଷ୍ଟି କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଖୁବ୍‌ଶୀଘ୍ର ଝାରସୁଗୁଡ଼ାରୁ ମୁମ୍ବାଇ ଓ ବେଙ୍ଗାଲୁରୁ ଉଡ଼ିବ ବିମାନ

**ଝାରସୁଗୁଡା :** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରରୁ ମୁମ୍ବାଇ ଓ ବେଙ୍ଗାଲୁରୁକୁ ବିମାନସେବା ଆରମ୍ଭ ହେବ। ଓ୍ୱିଣ୍ଟର ସିଡ୍ୟୁଲ୍ ଅର୍ଥାତ୍ ଅକ୍ଟୋବର ୨୫ରୁ ଝାରସୁଗୁଡ଼ାରୁ ଏହି ବହୁ ପ୍ରତିକ୍ଷୀତ ବିମାନସେବା ସ୍ପାଇସ୍‌ଜେଟ୍ ଆରମ୍ଭ କରିବାର ସମ୍ଭାବନା ରହିଛି। ଏହି ଦୁଇଟି ସହରକୁ ବିମାନସେବା ଆରମ୍ଭ କରିବାକୁ ସ୍ପାଇସ୍‌ଜେଟ୍ ପକ୍ଷରୁ ଦିଆଯାଇଥିବା ସ୍ଲଟ୍ ଏଲୋକେସନ୍‌କୁ ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷ ସବୁଜ ସଂକେତ ଦେଇ ସାରିଥିବା ବିମାନବନ୍ଦରର ନିର୍ଦ୍ଦେଶକ କିଶୋର ସେନାପତି କହିଛନ୍ତି। ଏ ଦିଗରେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଅନୁମତି ହାସଲ ପରେ ବିମାନସେବା ଆରମ୍ଭ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଝାରସୁଗୁଡ଼ାରୁ ବେଙ୍ଗାଲୁରୁ ଓ ମୁମ୍ବାଇକୁ ସିଧାସଳଖ ବିମାନ ଚଳାଚଳ ହେଲେ ଜିଲ୍ଲା ତଥା ଆଖପାଖ ଅନେକ ଯାତ୍ରୀ, ଛାତ୍ରଛାତ୍ରୀ, ରୋଗୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ୨୦୧୮ ସେପ୍ଟେମ୍ବର ୨୨ରେ ଉଦ୍‌ଘାଟନ ହେବା ସହ ବିମାନସେବା ଆରମ୍ଭ ହେବା ପରଠାରୁ ମୁମ୍ବାଇ ଏବଂ ବେଙ୍ଗାଲୁରୁକୁ ବିମାନ ଚଳାଚଳ ଆରମ୍ଭ କରିବାକୁ ଦାବି ହୋଇ ଆସୁଛି। ତେବେ ସ୍ପାଇସ୍‌ଜେଟ୍ ପକ୍ଷରୁ ୨୦୧୯ ମାର୍ଚ୍ଚ ୩୧ ତାରିଖଠାରୁ ହିଁ ବିମାନସେବା ଦିଲ୍ଲୀ, କୋଲକାତା, ହାଇଦ୍ରାବାଦ ଆଦି ସହରକୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏୟାର ଏଲାୟନ୍ସ ବିମାନସେବା ଭୁବନେଶ୍ୱର, ରାୟପୁର, କୋଲକାତା ଆଦିକୁ ଆରମ୍ଭ ହୋଇଥିଲା। ଲକ୍‌ଡାଉନ୍ ସମୟରେ କିଛି ସମୟ ଧରି ବିମାନସେବା ବନ୍ଦ ରହିବା ପରେ ପୁଣିଥରେ କଟକଣା ଭିତରେ ବିମାନସେବା ଆରମ୍ଭ ହୋଇଛି।




# ଗ୍ରାମାଞ୍ଚଳରୁ ୩୫% ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର :** ଗ୍ରାମାଞ୍ଚଳରେ କରାଯାଇଥିବା ମୋଟ କୋଭିଡ୍ ପରୀକ୍ଷଣରୁ ୩୪୩୬ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୪୨୩ ସକ୍ରିୟ ରହିଛନ୍ତି। ଜିଲ୍ଲାରେ ଭୁବନେଶ୍ୱର ମହାନଗର ନିଗମକୁ ମିଶାଇ ହୋଇଥିବା କୋଭିଡ୍ ପରୀକ୍ଷଣ ମଧ୍ୟରୁ ଗ୍ରାମାଞ୍ଚଳରୁ ୩୫ ଭାଗ ଚିହ୍ନଟ ହୋଇଛନ୍ତି। ଜିଲ୍ଲାର ବାଣପୁର, ଟାଙ୍ଗୀ, ବାଲୁଗାଁ ଓ ବୋଲଗଡ଼ ବ୍ଲକ୍‌ରୁ ସର୍ବାଧିକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରେ ୨୩୭ କୋଭିଡ୍ ଯୋଦ୍ଧାଙ୍କ ମଧ୍ୟରୁ ୯୯ ସୁସ୍ଥ ହୋଇଛନ୍ତି ଓ ୧୩୭ ଚିକିତ୍ସିତ ହେଉଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ନିୟମିତ ଯାଞ୍ଚ କରାଯାଉଛି। ଗ୍ରାମାଞ୍ଚଳରେ ୫୩୦ ହୋମ୍ ଆଇସୋଲେସନ୍‌ରେ ଅଛନ୍ତି ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ସନତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଜିଲ୍ଲାରେ ୨୯୦ ଡାକ୍ତର, ୧୦୦ ସ୍ୱାସ୍ଥ୍ୟକର୍ମୀ, ଷ୍ଟାଫ୍ ନର୍ସ, ଲାବ୍ ଟେକ୍‌ନିସିଆନ୍ ଓ ପାରାମେଡିକାଲ୍ ଷ୍ଟାଫ୍‌ଙ୍କୁ ନେଇ ଗଠିତ ୨୨ଟି ମେଡିକାଲ୍ ଟିମ୍ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି। ଜିଲ୍ଲାରେ ୭୪ ପ୍ରତିଶତ ଗ୍ରାମାଞ୍ଚଳ କୋଭିଡ୍ ସଂକ୍ରମଣ ମୁକ୍ତ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ (ଦୂରଭାଷ ୦୬୭୫୫-୨୨୩୧୭୮) କୋଭିଡ୍ ମୁକାବିଲା ଦିଗରେ କାର୍ଯ୍ୟ କରିଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ, ବ୍ୟାପକ କୋଭିଡ୍ ପରୀକ୍ଷଣ, ଲକ୍ଷଣଯୁକ୍ତଙ୍କୁ ଆଇସୋଲେସନ୍ ଏବଂ ଡାକ୍ତରଙ୍କ ପାଇଁ ହ୍ୱାଟସ୍ ଆପ୍ ଗ୍ରୁପ୍ ଗଠନ ଜରିଆରେ କୋଭିଡ୍ ନିୟନ୍ତ୍ରଣ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ ଓଡ଼ିଶାକୁ ଫେରି ଆନୁଷ୍ଠାନିକ କ୍ୱାରେଣ୍ଟାଇନ୍ ଶେଷ କରିଥିବା ପ୍ରବାସୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏ ବାବଦରେ ୧୨୬ କୋଟି ୬୬ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇ ସାରିଛି । ଏହି ସମସ୍ତ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଭରଣା କରାଯାଉଛି।

# ବିଶ୍ୱରେ ଇସ୍ପାତର ଆବଶ୍ୟକତାକୁ ପୂରଣ କରିବାର ଉତ୍ପତିସ୍ଥଳ ହେଉ ଭାରତ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ପ୍ରବାସୀ ଶ୍ରମିକଙ୍କ ଘର ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ଗୃହ ନିର୍ମାଣ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ଅଭିନବ ପଦକ୍ଷେପ ନେଇଛନ୍ତି । ଇସ୍ପାତ୍ କ୍ଷେତ୍ରର ନେତୃତ୍ୱମାନେ ଭାରତ ସରକାରଙ୍କ ସହ ହାତ ମିଳାଇ ପ୍ରବାସୀ ଶ୍ରମିକଙ୍କୁ କମ୍ ମୂଲ୍ୟରେ ଘର ଯୋଗାଇବା କାମରେ ସହଯୋଗୀ ହେବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଇସ୍ପାତ୍ ମନ୍ତ୍ରଣାଳୟ ଏବଂ ସିଆଇଆଇ ପକ୍ଷରୁ ଆୟୋଜିତ ‘ଆତ୍ମନିର୍ଭର ଭାରତ: ଗୃହ ଓ ନିର୍ମାଣ, ବିମାନ ଚଳାଚଳ କ୍ଷେତ୍ରରେ ଇସ୍ପାତ ବ୍ୟବହାରକୁ ବଢ଼ାଇବା’ ଓ୍ୱେବିନାର୍‌ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପ୍ରଧାନ ଗୃହ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ଯୋଜନା ସମ୍ପର୍କରେ ଅବଗତ କରିବା ସହ ଏହି ପ୍ରକଳ୍ପ ଗୁଡ଼ିକରେ ଭାରତ ସରକାରଙ୍କ ସହ ସହଯୋଗୀ ହେବାକୁ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଇସ୍ପାତ୍ ଶିଳ୍ପର ନେତୃତ୍ୱ ମାନଙ୍କୁ ଆହ୍ୱାନ କରିଥିଲେ । ସେ କହିଛନ୍ତି କେନ୍ଦ୍ର ସରକାର ପ୍ରବାସୀ ଶ୍ରମିକଙ୍କୁ ଘର ପ୍ରଦାନ କରିବାର ଲକ୍ଷ୍ୟ ରଖିଛନ୍ତି । ମାତ୍ର ଇସ୍ପାତ୍ ଶିଳ୍ପ ଏଥିରେ ସହଯୋଗୀ ହୋଇ ଅନେକ ଇସ୍ପାତ୍ ଉପକରଣ ତିଆରି ଉପରେ ଜୋର୍ ଦେବା ସହ ସ୍ୱଳ୍ପ ମୂଲ୍ୟର ଘର ନିର୍ମାଣ କରିବା ଉଚିତ୍। ଯାହା ଅନ୍ୟ ମାନଙ୍କ ପାଇଁ ମଡେଲ ମଧ୍ୟ ତିଆରି କରିପାରିବ। ଆତ୍ମନିର୍ଭର ଭାରତ ଦେଶର ପ୍ରତ୍ୟେକ ଜନସାଧାରଣଙ୍କୁ ଆତ୍ମସମ୍ମାନ ଦେବା ପାଇଁ ପ୍ରଚେଷ୍ଟା କରୁଥିବା ବେଳେ ସରକାରଙ୍କ ଏପରି କଲ୍ୟାଣକାରୀ ପଦକ୍ଷେପ ଗୁଡ଼ିକରେ ଇସ୍ପାତ୍ ଶିଳ୍ପର ଭାଗିଦାରୀ ରହିବା ଦରକାର। ଗୃହ ଏବଂ ସହରାଂଚଳ ବ୍ୟାପାର ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏହି ବୃହତ୍ ପ୍ରକଳ୍ପ ଗୁଡିକରେ ଇସ୍ପାତ ଶିଳ୍ପ ସହଯୋଗ କରିବାର ଆବଶ୍ୟକତା ରହିଛି। ଦେଶରେ ଇସ୍ପାତର ବ୍ୟବହାରକୁ ବଢ଼ାଇବା ପାଇଁ ଅନେକ ସମ୍ଭାବନା ରହିଛି। ଅପରପକ୍ଷରେ କରୋନା ସଂକଟ ସମୟରେ ଭାରତୀୟ ଶିଳ୍ପର ପ୍ରୋତ୍ସାହନ କାରଣରୁ ବହୁସଂଖ୍ୟାରେ ପିପିଇ କିଟ୍, ମାସ୍କ ଓ ଭେଣ୍ଟିଲେଟର ଉତ୍ପାଦନରେ ବୃଦ୍ଧି ଘଟିଛି। ଭାରତୀୟ ଔଷଧ କମ୍ପାନୀ ୧୫୦ଟି ଦେଶକୁ ମେଡିସିନ୍ ଯୋଗାଇଛି। ଦେଶର ଦ୍ୱିତୀୟ ଇସ୍ପାତ୍ ଉତ୍ପାଦନକାରୀ ରାଷ୍ଟ୍ର ଭାରତ ବିଶ୍ୱରେ ଇସ୍ପାତର ଆବଶ୍ୟକତାକୁ ପୂରଣ କରିବାର ଉତ୍ପତିସ୍ଥଳ ହେଉ। ଉଲ୍ଲେଖନୀୟ ଯେ, ଏହି ଓ୍ୱେବିନାରରେ କେନ୍ଦ୍ର ଗୃହ ଓ ସହରାଂଚଳ ଏବଂ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ, କେନ୍ଦ୍ର ଇସ୍ପାତ୍ ରାଷ୍ଟ୍ର ମନ୍ତ୍ରୀ ଫଗନ ସିଂ କୁଲସ୍ତେ, ଇସ୍ପାତ୍ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ତଥା କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଧିକାରୀମାନେ ଉପସ୍ଥିତ ଥିଲେ।



# ଦୂତୀଙ୍କୁ ଅର୍ଜୁନ ପୁରସ୍କାର

**ନୂଆଦିଲ୍ଲୀ :** ଚଳିତ ବର୍ଷ ପାଇଁ କ୍ରୀଡା ପୁରସ୍କାର ଘୋଷଣା କରାଯାଇଛି। ଦୌଡ ରାଣୀ ଦୂତୀ ଚାନ୍ଦଙ୍କୁ ଚଳିତ ବର୍ଷ ଅର୍ଜୁନ ପୁରସ୍କାର ମିଳିବ। କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ଦୂତୀଙ୍କ ସହ ୨୭ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ମିଳିବ ବୋଲି ଘୋଷଣା କରିଛନ୍ତି। ମଙ୍ଗଳବାର ନ୍ୟାସନାଲ ସ୍ପୋର୍ଟସ ଆୱାର୍ଡ ସିଲେକ୍ସନ କମିଟିର ବୈଠକ ବସିଥିଲା। ଏହାପରେ ୨୯ଜଣଙ୍କ ନାଁ ଅର୍ଜୁନ ପୁରସ୍କାର ପାଇଁ ପଠାଯାଇଥିଲା। ତେବେ ରେସଲର ସାକ୍ଷୀ ମଲିକ ଓ ଭାରତୋଳନକାରୀ ମୀରା ବାଈ ଚାନୁଙ୍କ ନାଁକୁ ତାଲିକାରୁ ବାଦ ଦିଆଯାଇଛି। ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ସାକ୍ଷୀଙ୍କୁ ୨୦୧୬ରେ ଏହି ପୁରସ୍କାର ମିଳିଥିବା ବେଳେ ୨୦୧୮ରେ ଟିମ୍ ଇଣ୍ଡିଆ କ୍ୟାପଟେନ୍ ବିରାଟ କୋହଲିଙ୍କ ସହ ମୀରା ବାଈ ଚାନୁଙ୍କୁ ଖେଳ ରତ୍ନ ମିଳିଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ପ୍ରଥମଥର ପାଇଁ ଏକାଥରକେ ୫ଜଣ କ୍ରୀଡାବିତ୍‌ଙ୍କୁ କ୍ରୀଡା ଜଗତର ସର୍ବଶ୍ରେଷ୍ଠ ପୁରସ୍କାର ରାଜୀବ ଗାନ୍ଧି ଖେଳ ରତ୍ନ ମିଳିବ। ଏମାନଙ୍କ ମଧ୍ୟରେ କ୍ରିକେଟର ରୋହିତ ଶର୍ମା ମଧ୍ୟ ଅଛନ୍ତି। ରୋହିତଙ୍କ ବ୍ୟତୀତ ଏସିଆନ ଗେମ୍ସର ସ୍ୱର୍ଣ୍ଣ ପଦକ ବିଜେତା ରେସଲର ଭିନେଶ ଫୋଗଟ, ଟେବୁଲ ଟେନିସ ଚାମ୍ପିଅନ ମନିକା ବାତ୍ରା, ଜାତୀୟ ମହିଳା ହକି ଟିମ୍‌ର ଅଧିନାୟକ ରାଣୀ ରାମ୍ପାଲ ଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ମରିପ୍ପାନ ଥାଙ୍ଗାଭେଲୁ ରହିଛନ୍ତି। ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂହ ଧୋନି ଓ ବିରାଟ କୋହଲିଙ୍କ ପରେ ରୋହିତ ଶର୍ମା ୪ର୍ଥ କ୍ରିକେଟର ପାଇଁ ଖେଳରତ୍ନ ପାଇବେ। ୧୯୯୮ରେ ପ୍ରଥମ କ୍ରିକେଟର ଭାବେ ସଚିନ ତେନ୍ଦୁଲକରଙ୍କୁ ଖେଳ ରତ୍ନ ପୁରସ୍କାର ମିଳିଥିଲା।












Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ — ସମ୍ପାଦକ : ତାରକ ମହାନ୍ତି